

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୭ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 FEBRUARY 2024

Vol.No. 35 ■ No.47 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭାରତବନ୍ଦ ଯୋଗୁଁ ବାଧାପ୍ରାପ୍ତ ଦୈନନ୍ଦିନ ଜୀବନ

## ଚାଷୀଙ୍କ ସମର୍ଥନରେ କଂଗ୍ରେସର ପ୍ରତିବାଦ



ନୂଆଦିଲ୍ଲୀ, ୧୬/୨ : ଚାଷୀଙ୍କ ଭାରତ ବନ୍ଦ ଡାକରା । କେଉଁଠି ଗଡିନି ବସ ପୁଣି କେଉଁଠି ଦୋକାନବଜାରରେ ପଡିଛି ତାଲା । ଦୈନନ୍ଦିନ ଜୀବନ ମଧ୍ୟ ବେଶ ବାଧାପ୍ରାପ୍ତ ହୋଇଛି । ଛାତ୍ରଛାତ୍ରୀମାନେ ସ୍କୁଲ ଯିବାକୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବୋର୍ଡ ପରୀକ୍ଷା ଭିତରେ ଏଭଳି ପରିସ୍ଥିତିରେ ସମ୍ମୁଖୀନ ହେବା ପରେ ଛାତ୍ରଛାତ୍ରୀଙ୍କ ଗହଣରେ ଅସନ୍ତୋଷ ପ୍ରକାଶ ପାଇଛି । ପେଟ୍ରୋଲ ପମ୍ପରେ ତାଲା ପଡିବା ଯୋଗୁଁ ଯାତାୟତ ପାଇଁ ବେଶ ସମସ୍ୟା ଦେଇ ଗତି କରିନ୍ତି ସାଧାରଣ ଯାତ୍ରୀ ।ଦିନ ତମାମ ଦେଶର ବିଭିନ୍ନ ରାଜ୍ୟରୁ ଆଜି ଏଭଳି ଦୃଶ୍ୟ । ଚାଷୀଙ୍କ ଭାରତ ବନ୍ଦ ଡାକରାର ପ୍ରଭାବ କେଉଁଠି ଅଧିକ ଦେଖିବାକୁ ମିଳିଛି ତ ପୁଣି କେଉଁଠି କମ ରହିଛି । କାଁଭାଁ କିଛି ସ୍ଥାନରେ ଅତ୍ୟଧିକ ଉତେଜନାପୂର୍ଣ୍ଣ ସ୍ଥିତି ଦେଖିବାକୁ ମିଳିଛି । କିଛି ସ୍ଥାନରେ ଟାୟାର ଜାଳି, ରାସ୍ତାଉପରେ ଟ୍ରକ ରୋକି ପ୍ରତିବାଦ କରାଯାଇଛି । କଂଗ୍ରେସ କହିଛି କେନ୍ଦ୍ର ସରକାର ୩ବର୍ଷ ପୂର୍ବରୁ ଚାଷୀଙ୍କୁ ଯେଉଁ ପ୍ରତିଶ୍ରୁତି ଚାଷୀଙ୍କୁ ତାକୁ ପୂରା ନକରିବାର ଇଏ ହେଉଛି ପରିଣାମ । ସେପଟେ ପଂଜାବ ଚାଷୀ ସଂଘ ଓ ପ୍ରଦେଶ କଂଗ୍ରେସ ହରିଆଣା ସରକାରଙ୍କ ବିରୋଧରେ ଜୋରଦାର ଆନ୍ଦୋଳନ ଦେଖିବାକୁ ମିଳିଛି । ଆନ୍ଦୋଳନରତ ଚାଷୀଙ୍କ ଉପରେ ଲାଠିଚାର୍ଜକୁ ବିରୋଧ କରି ପ୍ରଦର୍ଶନ କରିଛି ପ୍ରଦେଶ କଂଗ୍ରେସ । ଗୋଟେପଟେ ଚାଷୀଙ୍କ ଭାରତ ବନ୍ଦ ଡାକରା ଅନ୍ୟପଟେ ଦିଲ୍ଲୀ ଚଲୋ ଆନ୍ଦୋଳନ ପହଁଚିଛି ୩ଦିନରେ । ଦିଲ୍ଲୀ ସୀମାରେ ଆଜି ବି ଉତେଜନାପୂର୍ଣ୍ଣ ସ୍ଥିତି ଦେଖିବାକୁ ମିଳିଛି । ପୁଲିସ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ପରେ ଅଣଆୟତ ହୋଇପଡିଛି ସ୍ଥିତି । ଲାଠିମାଡ, ଲୁହାବୁହା ଗ୍ୟାସ ପ୍ରୟୋଗ, ପଥରମାଡରେ ଥରହର ହୋଇଛି ଦିଲ୍ଲୀସୀମା ।

# ସବୁ ଏସଏଚଜି ମହିଳାଙ୍କୁ ୟୁନିଫର୍ମ ପାଇଁ ମିଳିବ ହଜାରେ ଟଙ୍କା: ଖର୍ଚ୍ଚ ହେବ ୭୩୦କୋଟି

ଭୁବନେଶ୍ୱର, ୧୬/୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ମହିଳା ତୁଷ୍ଟୀକରଣ ପାଇଁ ରାଜକୋଷକୁ ଉନ୍ମୁକ୍ତ କରିଦେଇଛନ୍ତି । ରାଜ୍ୟର ୭୦ଲକ୍ଷ ମହିଳା ଏଚଏଚଜିଙ୍କୁ ସରକାର ୟୁନିଫର୍ମ ପାଇଁ ହଜାରେ ଟଙ୍କା ଲେଖାଏଁ ସହାୟତା ଦେବେ । ଏହାସହିତ ପ୍ରାୟ ୧.୫ଲକ୍ଷ ପରିଚାଳନା କମିଟି(ଏମସି) ଓ କାର୍ଯ୍ୟନିର୍ବାହୀ କମିଟି(ଇସି) ସଦସ୍ୟଙ୍କୁ ବ୍ଲେଜର ପାଇଁ ୨ହଜାର ଟଙ୍କା ଲେଖାଏଁ ମିଳିବ । ରାଜ୍ୟ ସରକାର ମିଶନଶକ୍ତି ବାବଦରେ ୭୩୦କୋଟି ଟଙ୍କା ବ୍ୟୟ କରିବେ। ଆଜି ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ପାରିତ ହୋଇଛି । ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ




କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ୧୦ଟି ବିଭାଗର ମୋଟ ୧୨ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏଥିରେ ମିଶନ ଶକ୍ତିରେ ଜଡ଼ିତ ୭୦ଲକ୍ଷ ମହିଳା ଏସଏଚଜି ସଦସ୍ୟାଙ୍କୁ ୟୁନିଫର୍ମ ନିମନ୍ତେ ହଜାରେ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯିବ । ଏହାସହିତ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ପଂଚାୟତସ୍ତରୀୟ ମହାସଂଘ (ଜିପିଏଲଏଫ), ବ୍ଲକସ୍ତରୀୟ ମହାସଂଘ (ବିଏଲଏଫ) ଓ ଜିଲ୍ଲାସ୍ତରୀୟ ମହାସଂଘ (ଡିଏଲଏଫ) ଓ ସହରାଂଚଳ ଅଧୀନରେ ଥିବା ଆଂଚଳିକ ମହାସଂଘର (ଏଲଏଫ)ର ଏମସି ଓ ଇସି ସଦସ୍ୟମାନଙ୍କୁ ବ୍ଲେଜର ପାଇଁ ୨ହଜାର ଟଙ୍କା ଲେଖାଏଁ ମିଳିବ । ମହିଳାମାନେ ନିଜ ପସନ୍ଦର ୟୁନିଫର୍ମ ଓ ବ୍ଲେଜର ଚୟନ କରିପାରିବେ । ▶▶ପୃଷ୍ଠା ୭

# ପ୍ରତାପ ଜେନାଙ୍କ ଆବେଦନର ଶୁଣାଣିରୁ ଓହରିଲେ ବିଚାରପତି



ଭୁବନେଶ୍ୱର, ୧୬/୨ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର କେଶରେ ହାଇକୋର୍ଟରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଆବେଦନର ଶୁଣାଣିରୁ ଓହରି ଯାଇଛନ୍ତି ବିଚାରପତି ଜଷ୍ଟିସ ବିପି ରାଉତରାୟ। ଏବେ ଏହି ମାମଲା ଅନ୍ୟ ଏକ ଖଣ୍ଡପୀଠରେ ଶୁଣାଣି କରାଯିବ ବୋଲି ଜଷ୍ଟିସ ରାଉତରାୟ କହିଛନ୍ତି। ତେବେ କେଉଁ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରିବେ, ସେନେଇ ମୁଖ୍ୟ ବିଚାରପତି ନିଷ୍ପତ୍ତି ନେବେ ବୋଲି ଜଷ୍ଟିସ ରାଉତରାୟ ସ୍ପଷ୍ଟ କରିଛନ୍ତି। କେଉଁ କାରଣରୁ ଜଷ୍ଟିସ ରାଉତରାୟ ଏହି ନିଷ୍ପତ୍ତି ନେଲେ, ତାହା ସ୍ପଷ୍ଟ ହୋଇନାହିଁ। ମାହାଙ୍ଗା ଡବଲ ମର୍ଡର କେଶ୍‌ରେ ପ୍ରତାପ ଜେନାଙ୍କ ବିରୋଧରେ ମାମଲା ଚଳାଇବାକୁ ସାଲେପୁର ଜେଏମ୍‌ଏଫ୍‌ସି ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରତାପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତାପଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଜଷ୍ଟିସ ରାଉତରାୟ ଗତ ନଭେମ୍ବର ୨ ତାରିଖରେ ଅଙ୍କୁଶ ଜାରି କରିଥିଲେ। ତେବେ ସେହି ଅନ୍ତରୀଣ ନିର୍ଦ୍ଦେଶ ପରବର୍ତ୍ତୀ ତାରିଖ ଯାଏ ବଳବତ୍ତର ରହିବ ବୋଲି ଜଷ୍ଟିସ ରାଉତରାୟ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ପାରାଦୀପରେ ତିନିଟି ନୂଆ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ପାରାଦୀପ, ୧୬/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାରାଦୀପରେ ତିନିଟି ନୂଆ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାରଖାନା, ରିନ୍ୟୁ ଇ-ଫୁଏଲ ଗ୍ରୀନ ଆମୋନିଆ କାରଖାନା ଏବଂ ସିଲକ୍ସ ଇଣ୍ଡିଆ ଅତ୍ୟାଧୁନିକ ରାସାୟିନିକ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାରଖାନାରେ ୬୫ ହଜାର କୋଟିର ପୁଞ୍ଜି ନିବେଶ କରିଛି। ଏହାଦ୍ୱାରା ଆଗାମୀ ଦିନରେ ୩୦ ହଜାର ଯୁବବର୍ଗଙ୍କୁ ନିଯୁକ୍ତି ମିଳିବ। ସେହିପରି ରିନ୍ୟୁ ଇ-ଫୁଏଲ ଗ୍ରିନ ଆମୋନିଆ କାରଖାନା ପାଇଁ ୨୨ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି। ଏହା ୪ହଜାର ରୋଜଗାର ସୃଷ୍ଟି କରିବ ଏବଂ ସିଲକ୍ସ ଇଣ୍ଡିଆ ଅତ୍ୟାଧୁନିକ ରାସାୟିନିକ କାରଖାନା ପାଇଁ ୫୦୦ କୋଟିର ପୁଞ୍ଜି ନିବେଶ କରିଛି। ଏହାଦ୍ୱାରା ୮୧୦ ଜଣଙ୍କୁ ନିଯୁକ୍ତି ମିଳିବ। ଶିଳ୍ପାୟନ ଦ୍ୱାରା ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇ ଦେବାକୁ ଲକ୍ଷ୍ୟ ରଖି ନୂତନ ଶିଳ୍ପ ପ୍ରତିଷ୍ଠା କରାଯାଉଥିବା କହିଛନ୍ତି ରାଜ୍ୟ ସରକାର। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତସିଂହପୁର ଜିଲ୍ଲା ଗସ୍ତରେ ଯାଇ ପାରାଦୀପର ଢିଙ୍କିଆଠାରେ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ପାରାଦୀପ ଆସିଲେ ମୋର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ମୃତି ମନକୁ ଆସେ । ୬୦ ମସିହାର ପ୍ରାରମ୍ଭରେ ବିଜୁ ବାବୁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇ ପାରାଦୀପ ବନ୍ଦର ସ୍ଥାପନ



କରିଥିଲେ। ଓଡ଼ିଶା ବିକାଶରେ ଏହା ମାଇଲଷ୍ଟୋନ ଥିଲା। ଆଜି ପାରାଦୀପ ସାରା ପୂର୍ବ ଭାରତରେ ଏକ ପ୍ରମୁଖ ପୁଞ୍ଜି ▶▶ପୃଷ୍ଠା ୭

# ସମ୍ବଲପୁରରେ ସୁନା ଦୋକାନରେ ଫୁଟିଲା ଗୁଳି

ସମ୍ବଲପୁର, ୧୬/୨ (ନି.ପ୍ର): ସମ୍ବଲପୁରର ଧନୁପାଲି ଛକରେ ଥିବା ଏକ ଗହଣା ଦୋକାନରେ ଆଜି ଫୁଟିଛି ଗୁଳି। ଲୁଟ୍ ଉଦ୍ଦେଶ୍ୟରେ ୬ ଜଣ ଦୁର୍ବୃତ୍ତ ଆସିଥିବା ବେଳେ ସେମାନଙ୍କ ଗୁଳିମାଡ଼ରେ ଦୋକାନ ମାଲିକ ଆହତ ହୋଇଛନ୍ତି। ତାଙ୍କ ନାଁ ସୁଜିତ ସ୍ୱର୍ଣ୍ଣକାର। ଆଜି ଦିନ ଦ୍ୱିପ୍ରହରରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ମୋଟ ୬ ଜଣ ଦୁର୍ବୃତ୍ତ ଆସିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଦୋକାନ ଭିତରକୁ ପ୍ରବେଶ କରିଥିଲେ। ହେଲେ ଲୁଟ୍ କରି ପାରି ନଥିଲେ। ସେମାନଙ୍କ ଗୁଳିରେ ଦୋକାନ ମାଲିକ ସୁଜିତ ସ୍ୱର୍ଣ୍ଣକାର ଆହତ ହୋଇଛନ୍ତି। ତାଙ୍କ ପେଟରେ ଗୁଳି ବାଜିଥିବା ଜଣାପଡ଼ିଛି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସମ୍ବଲପୁର ଅତିରିକ୍ତ ଏସ୍‌ପିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଘଟଣା ଘଟିବା ବେଳେ ଦୋକାନ ଭିତରେ ଲାଗିଥିଲା ସିସିଟିଭି କାମ କରୁ ନଥିଲା। କାରଣ ନିଜେ ଦୋକାନ ମାଲିକ ଏହାକୁ ଅନ୍‌ପ୍ଲଗ୍ କରି ଦେଇଥିଲେ।

# ପ୍ରଫୁଲ୍ଲ ସାମଲଙ୍କ ପୁଅଙ୍କ ଘରୁ ୧୦ ଲକ୍ଷ ଜବତ କଲା ଇଡି: କାର ବି ସିଜ୍ ହେଲା

ଭଦ୍ରକ, ୧୬/୨ (ନି.ପ୍ର): ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ତଥା ତାଙ୍କ ପୁଅଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଗତକାଲି ସକାଳେ ଇଡି ପ୍ରଫୁଲ୍ଲ ସାମଲ ଙ୍କ ଭଦ୍ରକସ୍ଥିତ ଘରେ ଚଢ଼ାଉ କରିଥିବା ବେଳେ ତାଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କ ଘରେ ପଶିଛି ଇଡି। ଇଡି ଟିମ୍ ପ୍ରୟାସକାନ୍ତିଙ୍କ ଭୁବନେଶ୍ୱରର ପଳାଶପଲ୍ଲୀ ଘରୁ ୧୦ ଲକ୍ଷ ଟଙ୍କା ସହ ଏକ ଫର୍ଚ୍ୟୁନର କାର ଜବତ କରିଛି। ▶▶ପୃଷ୍ଠା ୭




# କୋଟିପତି ବୌଦ୍ଧ ଆରଟିଓ ବସନ୍ତ ମହାପାତ୍ର ଗିରଫ

ବୌଦ୍ଧ , ୧୬/୨ (ନି.ପ୍ର): କୋଟିପତି ବୌଦ୍ଧ ଆରଟିଓ ବସନ୍ତ ମହାପାତ୍ରଙ୍କୁ ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ବସନ୍ତଙ୍କୁ ଗିରଫ କରାଯାଇଛି। ଚଢ଼ାଉ ବେଳେ ୧୯ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ ଟିମ। ଯେଉଁଥିରେ ୧୪ କୋଟି ୫୦ ଲକ୍ଷର ଫ୍ଲାଟ୍, ୪ କୋଟି ୫୦ ଲକ୍ଷର ସୁନାଗହଣା ଓ ଗାଡି ଆସବାବପତ୍ର ରହିଛି। ଗତକାଲି ଭିଜିଲାନ୍ସ ବସନ୍ତଙ୍କ ପୈତୃକ ଘର ଗଞ୍ଜାମ ସମେତ ଭୁବନେଶ୍ୱର ଓ ବୌଦ୍ଧରେ ଚଢାଉ କରିଥିଲା। ▶▶ପୃଷ୍ଠା ୭

# ପ୍ରିୟଙ୍କା ଗାନ୍ଧି ଭଦ୍ରା ଅସୁସ୍ଥ: ହସ୍ପିଟାଲରେ ଭର୍ତ୍ତି



ନୂଆଦିଲ୍ଲୀ, ୧୬/୨ : କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା ଅସୁସ୍ଥ ହୋଇ ପଡ଼ିଛନ୍ତି। ଏଥିପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଛି। ସେ ଆଜି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ନିଜେ ଏକ୍ସ ପ୍ଲାଟଫର୍ମରେ ସୂଚନା ଦେଇଛନ୍ତି। ଏଥିସହ ଉତ୍ତର ପ୍ରଦେଶର ଚାନ୍ଦୌଲିରେ ହେବାକୁ ଥିବା ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ମଧ୍ୟ ସେ ସାମିଲ ହୋଇପାରିବେ ନାହିଁ ବୋଲି କହିଛନ୍ତି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ବିହାର ଦେଇ ଉତ୍ତର ପ୍ରଦେଶରେ ଚାନ୍ଦୌଲିରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାହୁଲଙ୍କ ▶▶ପୃଷ୍ଠା ୭

# ଆମେରିକାରେ ଅସୁରକ୍ଷିତ ଭାରତୀୟ

## ବାଇଡେନ ପ୍ରଶାସନର ଚିନ୍ତା ପ୍ରକଟ, ବିବୃତି ରଖିଲା ହ୍ୱାଇଟ ହାଉସ



ନୂଆଦିଲ୍ଲୀ, ୧୬/୨ : ବିଦେଶରେ ରହୁଥିବା ଭାରତୀୟଙ୍କ ପାଇଁ ଚିନ୍ତା ବଢ଼ିଛି । ବିଶେଷ କରି ଯେଉଁମାନେ ଆମେରିକାରେ ରହୁଛନ୍ତି ସେମାନଙ୍କ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଏହାକୁ ନେଇ ଆମେରିକା ସରକାର ମଧ୍ୟ ଚିନ୍ତାରେ । ହ୍ୱାଇଟ ହାଉସପକ୍ଷରୁ ଏକ ବିବୃତି ଜାରି କରାଯାଇଛି । ଯେଉଁଥିରେ କୁହାଯାଇଛି କୌଣସି ପରିସ୍ଥିତିରେ ହିଂସାକୁ ପ୍ରଶ୍ରୟ ଦିଆଯିବନି । ଭାରତୀୟଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ରୋକିବାକୁ ସମସ୍ତ ପ୍ରୟାସ କରାଯାଉଛି । ଭେଦଭାବ ଆଧାରରେ ଆକ୍ରମଣକୁ ସହ୍ୟ କରାଯିବନି । ହତ୍ୟା ଘଟଣାକୁ ନେଇ ଚିନ୍ତାରେ ବାଇଡେନ ପ୍ରଶାସନ । ନିକଟରେ ହରିଆଣାର ୨୫ବର୍ଷ ବୟସ୍କ ବିବେକ ସାହାନୀଙ୍କୁ ଜଣେ ନିଶାଶକ୍ତ ବ୍ୟକ୍ତିଙ୍କ ପିଟି ପିଟି ହତ୍ୟା କରିଥିଲେ । ସେପଟେ ପର୍ଡ୍ୟୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ମିଳିଥିଲା ନୀଳ ଆଚାର୍ଯ୍ୟ ନାମକ ଜଣେ ଭାରତୀୟ ଛାତ୍ରଙ୍କ ମୃତ ଦେହ । ସେହିପରି ଆମେରିକାର କାର୍ଲିଫୋର୍ଣ୍ଣିଆ ସହରରେ ୪ ଭାରତୀୟଙ୍କ ରହସ୍ୟଜନକ ମୃତ୍ୟୁ ଦୋହଲାଇଦେଇଛି । କେରଳ ଦମ୍ପତିଙ୍କ ସହ ଘର ଭିତରୁ ମିଳିଲା ଯମଜ ସନ୍ତାନଙ୍କ ମୃତଦେହ । ଆନନ୍ଦ ଓ ପ୍ରିୟଙ୍କାଙ୍କ ମୃତଦେହ ଗାଧୁଆ ଘରୁ ଉଦ୍ଧାର ହୋଇଥିବା ବେଳେ ଗୁଳିମାଡ଼ ଯୋଗୁଁ ଉଭୟଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି । ସେହିପରି ଆକ୍ରମଣର ଶିକାର ହୋଇଥିବା ଆଉ ଜଣେ ଯୁବକ ହେଉଛନ୍ତି ହାଇଦ୍ରାବାଦର ସୟଦ ମଜାହର ଅଲ୍ଲୀ । ସଶସ୍ତ୍ର ଡକାୟତଙ୍କ ଆକ୍ରମଣର ଶିକାର ହୋଇଥିଲେ । ଗତ କିଛି ଦିନର ଘଟଣା ଉପରେ ଯଦି ନଜର ପକାଇବା ତେବେ ବିଦେଶରେ ଭାରତୀୟଙ୍କ ଉପରେ ଆକ୍ରମଣ ଘଟଣା ବେଶ ବୃଦ୍ଧି ପାଇଛି । ରୀତିମତ ହତ୍ୟାର ଖବର ମନକୁ ଯେତିକି ଆନ୍ଦୋଳିତ କରୁଛି ସେତିକି ପ୍ରଶ୍ନ ମଧ୍ୟ ଉଠାଉଛି । କାହିଁକି ଆମେରିକାରେ ହତ୍ୟାର ଶିକାର ହେଉଛନ୍ତି ଭାରତୀୟ ? କାହିଁକି ଭାରତ ସରକାର ଏହାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ନାହିଁ ?

# ନ୍ୟାୟ ଯାତ୍ରାରେ ରାହୁଲ ଗାନ୍ଧୀଙ୍କ ସାରଥୀ ସାଜିଲେ ତେଜସ୍ୱୀ




ନୂଆଦିଲ୍ଲୀ, ୧୬/୨ : ରାହୁଲଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ଡ୍ରାଇଭର ସିଟରେ ବସିଲେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ । ବିହାର ସସାରାମରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା ଚାଲିଛି । ଏହି ରାସ୍ତା ଦେଇ ଆଜି ଉତ୍ତର ପ୍ରଦେଶରେ ରାହୁଲ ଗାନ୍ଧୀ ପ୍ରବେଶ କରିବେ । ଏହି ସମୟରେ ତେଜସ୍ୱୀ ଯାଦବ କାର ଚଳାଉଥିବା ବେଳେ ପାଖ ସିଟରେ ବସିଥିଲେ ରାହୁଲ ଗାନ୍ଧୀ । ଆରଜେଡିର ଅନେକ ସମର୍ଥକ ଏହି ଯାତ୍ରାରେ ମଧ୍ୟ ସାମିଲ ହୋଇଛନ୍ତି । ଏହାପୂର୍ବରୁ ପଶ୍ଚିମବଙ୍ଗରେ ରାହୁଲଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା ବେଳେ ସାମିଲ ହୋଇନଥିଲା ଟିଏମସି । ଉଭୟ ଦଳ ଇଣ୍ଡିଆ ମେଂଟର ସଦସ୍ୟ ରହିଛନ୍ତି । କିନ୍ତୁ ପଶ୍ଚିମବଙ୍ଗରେ ରାହୁଲଙ୍କ ଯାତ୍ରାକୁ ଅନୁମତି ଦେବାରେ ବିଭିନ୍ନ ପ୍ରକାର ବାଧା ଉପୁଜିଥିଲା ।

## ପାନୀୟ ଜଳର ଗୁଣବତା ପରୀକ୍ଷଣ ଉପରେ ପ୍ରଶିକ୍ଷଣ ଶିବିର

ଜୟପୁର, ୧୬/୨ (ନି.ପ୍ର): ପାନୀୟ ଜଳର ଗୁଣବତା ପରୀକ୍ଷଣ ଓ ପରିମଳ ସର୍ବେକ୍ଷଣ ସମ୍ବନ୍ଧୀୟ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ସଭା ଗୃହରେ ଆୟୋଜିତ ଏହି ଶିବିରରେ ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ରସାୟନବିତ ବିଶ୍ୱ ରଞ୍ଜନ ନାୟକ, ସହକାରୀ ରସାୟନବିତ ସାଗରିକା ଆଡମକାକା, ଡିପିଏମ ନମିତା ତ୍ରିପାଠି, ଡମ୍ବୁରଧର ରଣା ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ କୋରାପୁଟ ଦ୍ୱାରା ଏହି ଶିବିର ଆୟୋଜନ କରାଯାଇଥିଲା । ସଶକ୍ତ ମହିଳା ସଶକ୍ତ ଗ୍ରାମ ଉପରେ ଗୁରୁତ୍ୱ ଦିଆଯାଇଥିଲା । ନଳକୂପ ଖୋଳିବା ସମୟରେ ଜଳର ମାନ ଓ ଗୁଣବତାକୁ ପରୀକ୍ଷା କରିବା ଏବଂ ସର୍ବେକ୍ଷଣ ସମ୍ବନ୍ଧୀୟ ଏହି ଶିବିରରେ ଏମବିକେ ମାନଙ୍କୁ ଉପସ୍ଥିତ ବିଭାଗୀୟ ଅଧିକାରି ମାନେ ପ୍ରଶିକ୍ଷଣ ଦେଇଥିଲେ ।

## କେନ୍ଦୁଝର ଜିଲ୍ଲାର ୩ଟି ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥସେବା ପୁରସ୍କାର

କେନ୍ଦୁଝର , ୧୬/୨ (ନି.ପ୍ର): ରାଜ୍ୟ ସରକାରଙ୍କର ୫ ଟି କାର୍ଯ୍ୟକ୍ରମ ଅଧିନରେ ବୁଧବାର ଦିନ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ କେନ୍ଦୁଝର ଜିଲ୍ଲାର ୩ ଟି ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ ସେବା ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କୃତ ସ୍ୱାସ୍ଥ କେନ୍ଦ୍ର ମାନଙ୍କ ମଧ୍ୟରେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର ସହ ଘଟଗାଁ ଓ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର ରହିଛନ୍ତି । ଏଥିସହ ଉତମ ସେବା ନିମନ୍ତେ ଜିଲ୍ଲାର ୧୦ ଟି ବର୍ଗରେ ମୋଟ ୧୧ ଟି ପୁରସ୍କାର ମିଳିଛି । ଅନୁରୁପ ଭାବେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରକୁ ୨୦୨୦-୨୦୨୧ କାୟାକଳ୍ପ ପ୍ରଥମ ସ୍ଥାନ , ୨୦୨୨-୨୩ ପାଇଁ କାୟାକଳ୍ପ ଇକୋ ଫ୍ରେଣ୍ଡଲି ହସପିଟାଲ ଭାବେ ପ୍ରଥମ ପୁରସ୍କାର ମିଳିଛି । ସେହିପରି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର କୁ ବର୍ଷ ୨୦୨୦-୨୧ , ୨୦୨୧-୨୨ , ୨୦୨୨-୨୩ ପାଇଁ ୪ ଟି କାୟାକଳ୍ପ ପୁରସ୍କାର ମିଳିଥିବା ବେଳେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରକୁ ୨୦୨୧-୨୨ ବର୍ଷ ପାଇଁ ଏନ୍ କ୍ୟୁ ଏ ଏସ ସାର୍ଟିଫିକେଟ ମଧ୍ୟ ମିଳିଛି । ଏବଂ ହରିଚନ୍ଦନପୁର ବ୍ଲକ ଗୌଣିଘଷା ଉପ ସ୍ୱାସ୍ଥ କେନ୍ଦ୍ରର ଏ ଏନ ଏମ ଯନ୍ତି ରାଉତଙ୍କୁ ୨୦୨୦-୨୧ ବର୍ଷ ପାଇଁ ଶ୍ରେଷ୍ଠ ଏ ଏନ ଏମ ଭାବେ ପୁରସ୍କୃତ କରାଯାଇଛି । ହାଟଡିହି ବ୍ଲକ ଢେଙ୍କା - ଉପ-ସ୍ୱାସ୍ଥ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ ଅଧିକାରୀ ଡ ଇତିଶ୍ରୀ ଧଳଙ୍କୁ ୨୦୨୦-୨୧ ଓ ୨୦୨୧-୨୨ ପାଇଁ ଶ୍ରେଷ୍ଠ ସି.ଏଚ. ଓ . ଭାବେ ପୁରସ୍କୃତ କରାଯାଇଛି । ଏହି ପୁରସ୍କାର ବିତରଣ ଉତ୍ସବରେ କେନ୍ଦୁଝର ସି. ଡି.ଏମ. ଓ , ଡି. ପି. ଏମ . ଏବଂ ଜିଲ୍ଲା ସ୍ୱାସ୍ଥ ବିଭାଗର ଅନ୍ୟ ଅଧିକାରୀଗଣ ଉପସ୍ଥିତ ରହି ପରୁରସ୍କାର ଗ୍ରହଣ କରିଥିଲେ ।

## ବଲାଙ୍ଗୀରର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା

ବଲାଙ୍ଗୀର, ୧୬/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ବଲାଙ୍ଗିର ବ୍ଲକ ପ୍ରାଙ୍ଗଣଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗିର ତରଫରୁ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଅଧକ୍ଷତା କରିଥିବା ବେଳେ ମଂଚ ପରିଚାଳନା କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ କୁମାର୍ ଖୁଅସ୍ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଜଣାଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର୍ ସେଠୀ, ସିଡିପିଓ ସୁବାସିନୀ ଦାସ, ବଲାଙ୍ଗିର ବ୍ଲକ ଅଧକ୍ଷା ସରିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ପୋଷ୍ୟ ସନ୍ତାନ ଗ୍ରହଣ, କିଶୋର ନ୍ୟାୟ ଆଇନ, ଶିଶୁ ଗୃହ ଉପରେ ଆଲୋକପାତ କରି ପୃଷ୍ଠପୋଷକତା ସହାୟତା ରାଶି ଉପରେ ସଚେତନ କରିଥଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି ମିଶନ୍ ବାତ୍ସଲ୍ୟ ମାର୍ଗଦର୍ଶିକାରେ ଥିବା ଜିପିଡ଼ିପିର ବାର୍ଷିକ ଯୋଜନାରେ ୫% ଅନୁଦାନ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କ ଯତ୍ନ ନିମନ୍ତେ ଖର୍ଚ୍ଚ କରିପାରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ବ୍ଲକ କର୍ମଚାରୀ, ନିର୍ବାଚିତ ପଂଚାୟତ ପ୍ରତିନିଧି ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭାସାଙ୍ଗ କରିଥିଲେ ।

## ସହିଦ୍ ଜୱାନଙ୍କୁ ସ୍ମରଣ କଲେ ଦେଶପ୍ରେମୀ ସ୍ୱେଚ୍ଛାସେବୀ

ସୋନପୁର, ୧୬/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱଚ୍ଛ ଭାରତ ସଂଗଠନର ପ୍ରୟାସରେ ଜିଲ୍ଲାର ବିଜୁ ପଟ୍ଟନାୟକ ଛକ ସମ୍ମୁଖରେ ୨୦୧୯ ରେ ଜମ୍ମୁ କାଶ୍ମୀରର ପୁଲୱାମା ଠାରେ ସହିଦ୍ ହୋଇଥିବା ୪୪ ଜଣ ସହିଦ୍ ଜୱାନଙ୍କୁ ମନେ ପକାଇ ଏକ ଶ୍ରଦ୍ଧାଞ୍ଜଳି ସଭାର ଅୟୋଜନ କରିଥିଲେ । ଉପଖଣ୍ଡ ପୋଲିସ ଅଧିକାରୀ ସୋନପୁର ପ୍ରତାପ ଚନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ସ୍ୱରୂପ ସହିଦ୍ ହୋଇଥିବା ଅମର ଜ୍ୱାନଙ୍କ ବୀରତ୍ୱର ଗାଥାକୁ ପ୍ରଶଂସା କରିବା ସହ ଜୱାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଷ୍ଟ୍ରିୟ ସଙ୍ଗୀତ ଗାନ ଓ ଶୋକସଭାକୁ ଆଗତ କରିଥିଲେ । ଏନ୍ ସି ସି ଲେଫ୍ଟେନାଂଟ ଆଶିଷ ଅଗ୍ରୱାଲା, ଆଇନଜୀବୀ ପ୍ରଦୀପ ପୁରୋହିତ, ପୋଲିସ୍ କନେଷ୍ଟବଲ ସଂଘ ସଭାପତି ଦିନେଶ ମିଶ୍ର, ଅବସପ୍ରାପ୍ତ ସେନା କର୍ମଚାରୀ ବିକ୍ରମାଦିତ୍ୟ ମହାକୁଡ଼, ସହିଦ ମାନଙ୍କ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ମନୋରଂଜନ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଶେଷରେ ଜିଲ୍ଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା ଉପସ୍ଥିତ ସମସ୍ତ ସଂଗଠନ ଓ ବୁଦ୍ଧିଜୀବୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସକ୍ରିୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଗୋପାଳଜୀ ଯୋଗାଳୟ, ଏନ୍ ସି ସି ସୁବର୍ଣ୍ଣପୁର, ପ୍ରଜ୍ଞା ଭାରତୀ ଚିନ୍ତନ ଶିକ୍ଷା ନିକେତନ ଓ ଅନ୍ୟାନ୍ୟ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

## କୈବର୍ତ ସମାଜର ବାର୍ଷିକ ଶୁନ ସଭା

କେନ୍ଦ୍ରାପଡ଼ା, ୧୬/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୈବର୍ତ୍ତ ସମାଜର ବାର୍ଷିକ ଶୁନ ସଭା ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏହି ସଭା ପାଇଁ କେହି କାହାରିକି ସୂଚନା କିମ୍ବା ନିମନ୍ତ୍ରଣ ଦେଇନଥାନ୍ତି । କୈବର୍ତମାନେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସ୍ୱତପୂର୍ତ ଭାବେ ଆସି ଏହି ବୈଠକରେ ଯୋଗଦେଇଥାନ୍ତି । ପ୍ରତିବର୍ଷ ଭଳି ଏବର୍ହ ମଧ ଶ୍ରୀପ ମୀ ପରଦିନ ଷଷ୍ଠି ତିଥିରେ ଏହି ସଭା ଅନୁଷ୍ଠିତ ହୋଇ ଶ୍ରୀବଳଦେବଜୀଉଙ୍କ ମନ୍ଦିରର ନୀଳଚକ୍ରକୁ ପୂଜାର୍ଚ୍ଚନା କରାଯାଇ ନୂତନ ପତିତପାବନ ବାନା ଲାଗି କରାଯାଇଥିଲା । ଏହି ଅବସରରେ କୈବର୍ତମାନେ ନିଜ ସଂପ୍ରଦାୟର ବିଭିନ୍ନ ସମସ୍ୟା ତଥା ସାଂଗଠନିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ।

## ମତ୍ସ୍ୟ-ପ୍ରାଣୀ ସମାବେଶ ଉପଲକ୍ଷେ ବାଲୁକା କଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୬/୨ (ନି.ପ୍ର): ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟରେ ପ୍ରଥମ ଥର ଆୟୋଜିତ ହେଉଛି ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ । ଏହି ଉପଲକ୍ଷେ ଗୁରୁବାର ଜନତା ମଇଦାନଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ଆଜି ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସମାବେଶର ଥିମ୍ 'କଲେ ମତ୍ସ୍ୟ-ପ୍ରାଣୀ ପାଳନ, ଆୟ ହୋଇବ ବହୁଗୁଣ'କୁ ନେଇ ଶ୍ରୀ ପଟ୍ଟନାୟକ ଚମତ୍କାର ଶୈଳୀରେ ଏହି ବାଲୁକା କଳାର ପ୍ରଦର୍ଶନ କରିଛନ୍ତି । ଏଥିରେ ସମାବେଶର ଲୋଗୋ ଓ ମାସ୍କଟ 'ମାନି'କୁ ସ୍ଥାନିତ କରାଯାଇ ଗୋଟିଏ ପାଶ୍ୱର୍ରେ ମତ୍ସ୍ୟ ଓ ଗୋଟିଏ ପାଶ୍ୱର୍ରେ ପ୍ରାଣିସଂପଦର ଚିତ୍ର ଦର୍ଶକଙ୍କୁ ଆକୃଷ୍ଟ କଲାପରି ଶୈଳୀରେ ପ୍ରଦର୍ଶିତ କରାଯାଇଛି । ସାଣ୍ଡଆର୍ଟଟି ଏକ ପ୍ରାକୃତିକ ଢଙ୍ଗରେ ସମାବେଶ ପଡ଼ିଆରେ ଗୋଟିଏ ପାଶ୍ୱର୍ରେ ସ୍ଥାନିତ ହୋଇଥିବାରୁ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ସମାବେଶରେ ଏହା ଏକ ପ୍ରମୁଖ ପ୍ରଦର୍ଶନସ୍ଥଳ ପାଲଟିବ । ପ୍ରାଣିସଂପଦ ଓ ମତ୍ସ୍ୟଚାଷର ଯୁଗଳବନ୍ଦୀକୁ ନେଇ ନିର୍ମିତ ଏହି କଳା ସୁନ୍ଦର ଢଙ୍ଗରେ ସଜ୍ଜିତ କରାଯାଇଛି । ଏହା ସହ ହରିଆଣାର ବଫାଲୋ ବୁଲ୍ 'ଯୁବରାଜ' ସମାବେଶରେ ଦର୍ଶକମାନଙ୍କୁ ବାନ୍ଧି ରଖିବ ।

## କଦମପଡା ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ବଲାଙ୍ଗୀର, ୧୬/୨ (ନି.ପ୍ର): ବଲାଙ୍ଗୀର ନଗର ସ୍ଥିତ କଦମପଡାର ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ "ମାତୃ ସମ୍ମିଳନୀ" ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗୀରର ପୌରାଧ୍ୟକ୍ଷା ଲିକା ସାହୁ ତଥା ମୁଖ୍ୟବ୍ୟକ୍ତା ରୂପେ ବିଛୁପାଲିସ୍ଥ ଶ୍ରୀ ତପୋବନ ଆଶ୍ରମର ସନ୍ୟାସୀ ତେଜୋମୟାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ଅତିଥି ପରିଚୟ କରିଥିଲେ । ତା'ପରେ ବାଟିକା ବିଭାଗର ଶିଶୁଙ୍କ ଅଭିଭାବିକାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଏହାପରେ ମାତୃମଣ୍ଡଳୀଙ୍କ ଦ୍ୱାରା ବିଦ୍ୟାଳୟ ଉପଯୋଗୀ ପ୍ରସ୍ତାବମାନ ଆଗତ ହୋଇଥିଲା ତଥା ବିଭିନ୍ନ ସମସ୍ୟା ପ୍ରତି ଉଠିଥିବା କଥାର ସମାଧାନ ନୂତନ ସଂପାଦକ ତରଣୀସେନ ପଟେଲଙ୍କ ଦ୍ୱାରା ହୋଇଥିଲା । ନିଜର ବିଚାର ପ୍ରଦାନ କରି ମାନନୀୟା ଲିକା ସାହୁ ,ମାତୃମଣ୍ଡଳୀର ସାମୁହିକ ଶକ୍ତିରେ ଶିଶୁ ତଥା ସମାଜର ଉନ୍ନତି ହେବ ବୋଲି କହିଥିଲେ । ଅମୃତ୍ୱଚନ ଆଭିଭାବିକା ସଂଧ୍ୟାରାଣୀ ମିଶ୍ର ପାଠ କରିଥିଲେ । ପରେ ବ୍ୟକ୍ତିଗତ ଗୀତ ଅଭିଭାବିକା ବେବିନା ସାହୁ ପରିବେଷଣ କରିଥିଲେ । ଏହାପରେ ନିଜର ଓଜସ୍ୱୀ ବୌଦ୍ଧିକ ଦେଇ ସ୍ୱାମିଜୀ କହିଥିଲେ ଯେ, ସମାଜକୁ ସୁଧାରିବାକୁ ହେଲେ ପରିବାରକୁ ସୁଧାରିବାକୁ ପଡିବ । ପରିବାରକୁ ସୁଧାରିବା ନାରୀ ହାତରେ ରହିଛି । କାର୍ଯ୍ୟକ୍ରମର ସଂଯୋଜନା ଅଭିଭାବିକା ଅନୀତା ସିଂ କରିଥିଲେ । ବିଦ୍ୟାଳୟର ନୂତନ ପରିଚିଳନା କମିଟୀର ଅଧ୍ୟକ୍ଷ ଭବାନୀ ଶଙ୍କର ପଟେଲ ନିଜ ଅଭିଭିଷଣ ପ୍ରଦାନ କରିଥିଲେ । ମଂଚାସୀନ ଅନ୍ୟ ଅତିଥିଙ୍କ ମଧ୍ୟରେ ଗୋବିନ୍ଦ ମିଶ୍ର ମଂଚାସୀନ ଥିଲେ । ସର୍ବମୋଟ ୨୫୨ ଜଣ ଅଭିଭାବିକା ଯୋଗ ଦେଇଥିଲେ ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମାତୃ ସମ୍ମିଳନୀ

ଭୁବନ, ୧୬/୨ (ନି.ପ୍ର): ଭୁବନର ସର୍ବ ପୁରାତନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପବିତ୍ର ସରସ୍ୱତୀ ପୂଜା ଅବସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦିବା ୧୦ଟା ସମୟରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ଆରମ୍ଭ ହୋଇ ୧୧ଟା ସମୟରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୪ଟା ସମୟରେ ଅଧକ୍ଷ ଦୀନବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ମା ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ସଙ୍ଗୀତ, ଝୋଟି ଓ ମ୍ୟୁଜିକ୍ ଚେୟାର ଖେଳ ହୋଇଥିଲା । ସାଧାରଣ ଜ୍ଞାନରେ ରୋଜାଲିନ ବେହେରା ପ୍ରଥମ, ଭବାନୀ ପାତ୍ର ଦ୍ୱିତୀୟ, ମାନସୀ ସାହୁ ତୃତୀୟ ହୋଇଥିଲେ । ଗୀତ ପ୍ରତିଯୋଗିତାରେ ଭବାନୀ ପାତ୍ର ପ୍ରଥମ, ଦୀପା ବେହେରା ଦ୍ୱିତୀୟ, ରଞ୍ଜିତା ଚୌଧୁରୀ ତୃତୀୟ ସ୍ଥାନ ହାସଲ କରିଥିଲେ । ଝୋଟି ପ୍ରତିଯୋଗିତାରେ ସୁନୀତା ପାତ୍ର ପ୍ରଥମ, ସୁନୀତା ଦାସ ଦ୍ୱିତୀୟ, କଣ୍ଢେଇ ଚିନରା ତୃତୀୟ ଏବଂ ମ୍ୟୁଜିକ ଚେୟାର ଖେଳ ରେ ସରୋଜିନୀ ସାଥୁଆ ମହାପାତ୍ର ପ୍ରଥମ, ଅନିତା ଦାସ ଦ୍ୱିତୀୟ, ସରସ୍ୱତୀ ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ । ଶିକ୍ଷକ ରତିକାନ୍ତ ସାହୁ, ଜଗବନ୍ଧୁ ସାଥୁଆ ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ମମତା ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର ପ୍ରଦାନ

ଚମ୍ପୁଆ, ୧୬/୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତମାନର ରୋଗୀ ଚିକିତ୍ସା, ସ୍ୱଛତା ଓ ଉତ୍ତମ ପରିବେଶ ପାଇଁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପୁରସ୍କାର ପ୍ରଦାନ କରାଯାଇଛି । ବୁଧବାର ଭୁବନେଶ୍ୱର ଲୋକସେବା ଭବନର କନଭେନସନ ହଲ ଠାରେ ୫ଟି ଅଧୀନରେ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଂଜନ ପୂଜାରୀ, ସ୍ୱାସ୍ଥ୍ୟ ସଚିବ ଡ଼କ୍ଟର ଶାଳିନୀ ପଣ୍ଡିତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ଼କ୍ଟର ବିଜୟ କୁମାର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡ଼କ୍ଟର ବୃନ୍ଦା ଡି ପ୍ରମୁଖ ଯୋଗ ଦେଇ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟଚିକିତ୍ସାଧିକାରୀ ସୁପରିଟେଣ୍ଡ ଡାକ୍ତର ସ୍ୱାତିକ ଆଚାର୍ଯ୍ୟ, ବି. ପି. ଏମ ରଞ୍ଜିତା ମହାନ୍ତି, ହେମନ୍ତ ମହାନ୍ତଙ୍କୁ ସାର୍ଟିଫିକେଟ, ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଖବର ପାଇ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର, କର୍ମଚାରୀଙ୍କ ସମେତ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ସୂଚନା ଅନୁଯାୟୀ, ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ୨୦୨୦-୨୧, ୨୧-୨୨ ଏବଂ ୨୨-୨୩ ପାଇଁ ୩ ଟି କାୟାକଳ୍ପ ପୁରସ୍କାର ମଧ ମିଳିଛି କ୍ଷ ଉତ୍କୃଷ୍ଟ ନିରନ୍ତର ସ୍ୱାସ୍ଥ୍ୟ ସେବା, ସ୍ୱଛତା ପରିବେଶ ସଚେତନତା ପାଇଁ ଧ୍ୟାନ ଦେଉଥିବା ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସବୁବେଳେ ଚର୍ଚ୍ଚାରେ ରହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛି ଓ ଅଞ୍ଚଳର ସେବା ଯୋଗାଇ ଆସୁଥିବା ଜଣାଯାଇଛି ।

## ବିଜେପି ତରଫରୁ ଗାଁକୁ ଚାଲ ଅଭିଯାନ

କେନ୍ଦ୍ରାପଡ଼ା, ୧୬/୨ (ନି.ପ୍ର): କେନ୍ଦ୍ରାପଡ଼ା ବିଜେପି ନଗର ମଣ୍ଡଳ ତରଫରୁ ଗାଁକୁ ଚାଲ ଅଭିଯାନ ପୌରାଂଚଳ ର ୨୦ନଂ ୱାର୍ଡରେ ନଗର ସଭାପତି ପ୍ରଭାତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ, ସାଧାରଣ ସଂପାଦକ ଅମିତାଭ ସୁଆର, ନଗର ସାଧାରଣ ସଂପାଦକ ନିହାର ରଞ୍ଜନ ମହାନ୍ତି, ରାଜେନ୍ଦ୍ର ପତି, ନଗର ଉପସଭାପତି ଅନନ୍ତ ଗୋପାଳ ସାହୁ, ସଂପାଦକ ରଞ୍ଜିତ ସିଂହ ପ୍ରମୁଖ ଉପସ୍ଥିତ ରହି ୱାର୍ଡର ପ୍ରତି ପରିବାର ରେ ପହଁଚି ଲିପ ଲେଟ୍ ବଂଟନ କରିବା ସହ ମୋଦୀ ସରକାରଙ୍କ ଦେଶର ବିକାଶ କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପକୁ ବିଭିନ୍ନ ଜନ ହିତକାରୀ ଯୋଜନା ତୃଣମୂଳ ସ୍ତରରେ ସଫଳ ରୂପାୟନ ହୋଇପାରୁଛି କି ନାହିଁ ଏବଂ ବିଜେଡି ସରକାର ବିଭିନ୍ନ ଯୋଜନାକୁ ହଡ଼ପ କରିବା, ଯୋଜନା ଗୁଡିକୁ ସଫଳ ରୂପାୟଣରେ ବିଫଳତା ଏବଂ ଜନ ସାଧାରଣଙ୍କୁ ପ୍ରତାରଣା କରିବା ସଂପର୍କରେ ଲୋକ ମାନଙ୍କୁ ସଚେତନ କରାଇ ଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନନ୍ତ ଚରଣ ପୃଷ୍ଟି, ଗୋପାଳ ବେହେରା ସଂଜୟ ପୃଷ୍ଟି, ସୁଲାଚନା ପତ୍ରୀ, ନିହାରିକା ନାୟକ ପ୍ରମୁଖ ସହ ଯୋଗ କରିଥିଲେ ।

## କଟକରେ ନିର୍ମାଣାଧିନ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

କଟକ/ଭୁବନେଶ୍ୱର, ୧୬/୨ (ନି.ପ୍ର): ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୁରୁବାର ଅପରାହ୍ଣରେ କଟକ ଗସ୍ତ ପୂର୍ବକ ସିଡିଏକୁ ସଂଯୋଗ କରୁଥିବା ପେଟାନାଳ ସମେତ ବିଜୁ ପଟ୍ଟନାୟକ ପାର୍କର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ମା' କଟକ ଚଣ୍ଡୀ ମନ୍ଦିରର ଉନ୍ନତିକରଣ, ନେତାଜୀ ଜନ୍ମସ୍ଥାନ ଓ ସଂଗ୍ରହାଳୟ ନିକଟସ୍ଥ ପୁରାତନ ଜେଲ୍ ପରିସରରେ ନିର୍ମାଣଧିନ ପ୍ରକଳ୍ପ,ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମ୍ପ୍ରସାରିତ ଅତ୍ୟାଧୁନିକ ତଥା ବିଶ୍ୱସ୍ତରୀୟ ପ୍ରକଳ୍ପ, ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ଉନ୍ନତିକରଣ ପ୍ରକଳ୍ପ ଏବଂ ତାଳଦଣ୍ଡା କେନାଲ ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିଥିଲେ । ନିର୍ମାଣାଧିନ ପ୍ରକଳ୍ପର ଅଗ୍ରଗତି ଅନୁଧାନ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେସବୁକୁ ଶେଷ କରିବା ଓ ପରବର୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାକୁ ସେ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ ।

ଏହି ପରିଦର୍ଶନ ସମୟରେ କଟକ ଉନ୍ନୟନ କର୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜ, କଟକ ମହାନଗର ନିଗମ ଆୟୁକ୍ତ ତଥା ଉପାଧ୍ୟକ୍ଷ, କଟକ ଉନ୍ନୟନ କର୍ତୃପକ୍ଷ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ରାଜ୍ୟ ମୁଖ୍ୟ ଯନ୍ତ୍ରୀ ଡ୍ରେନେଜ ବିଜୟ କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଅତିରିକ୍ତ ଆରକ୍ଷୀ ଉପାୟୁକ୍ତ ଅନିଲ କୁମାର ମିଶ୍ର, ଉପନିର୍ଦ୍ଦେଶକତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଓବିସିସିର ପରିଚାଳନା ନିର୍ଦ୍ଦେଶକ, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ,ଜଳ ସମ୍ପଦ, ମହାନଗର ନିଗମର ଯନ୍ତ୍ରୀ ଏବଂ କଟକ ଉନ୍ନୟନ କର୍ତୃପକ୍ଷଙ୍କ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜୟନ୍ତୀ ଅବସରରେ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୬/୨ (ନି.ପ୍ର): ଖୋର୍ଦ୍ଧା ପାଇକ ବିଦ୍ରୋହର ଅନ୍ୟତମ ଦୁର୍ଦ୍ଧର୍ଷ ସେନାପତି ଦାରୁଠେଙ୍ଗ ମାଟିର ବରପୁତ୍ର ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୫୬ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ପ୍ରଥମେ ଚନ୍ଦକାସ୍ଥିତ ପ୍ରତିମୂର୍ତିସ୍ଥଳୀରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଚନ୍ଦକା ସରପଞ୍ଚ ଅଜୟ କୁମାର ବେହେରା, ଦାରୁଠେଙ୍ଗ ସରପଂଚ ତପନ କୁମାର ଚକ୍ରବର୍ତୀ, ପଂଚାୟତ ନିର୍ବାହୀ ଅଧିକାରୀ ବ୍ରହ୍ମାନନ୍ଦ ଶତପଥି, ପଣ୍ଡିତ ବନମାଳୀ ଦାସ, ନିରଞ୍ଜନ ସିଂହ, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମିତ୍ ପାତାଳସିଂହ, ପଂଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ଶହୀଦଙ୍କ ପୈତୃକ ଗ୍ରାମ ଦାରୁଠେଙ୍ଗସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ଓ ପ୍ରତିମୂର୍ତ୍ତି ସ୍ଥଳୀରେ କଳିଙ୍ଗ ପାଇକ ସଂଗଠନ ପିଣ୍ଡିକି ୟୁଥ୍ କ୍ଲବ, ଦାରୁଠେଙ୍ଗ ଗ୍ରାମବାସୀ, ଧାରା ଶ୍ରୀରାଧା ଟ୍ରଷ୍ଟ, ଦାରୁଠେଙ୍ଗ ଗ୍ରାମ ପଞ୍ଚାୟତ ପକ୍ଷରୁ ମିଳିତଭାବେ ଆୟୋଜିତ କାର୍ଯ୍ୟକ୍ରମରେ ଭୀମସେନ ପ୍ରଧାନ, ବୈଦ୍ୟନାଥ ବରାଳ, କବିରାଜ ବିଧାର ମହାପାତ୍ର, ସହଦେବ ଜୟସିଂହ, ମୃତ୍ୟୁଞ୍ଜୟ ଛୋଟରାୟ ଦଳ ବେହେରା ପ୍ରମୁଖ ଯୋଗଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଖୋର୍ଦ୍ଧାର ପାଇକ ବିଦ୍ରୋହ ଓ ସେଥିରେ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟର ସମ୍ମାନ ରକ୍ଷା ପାଇଁ ପିଣ୍ଡିକି ବ୍ରିଟିଶ୍ ଗୁଳିରେ ଶହୀଦ ହୋଇ ଯୁବ ସମାଜ ପାଇଁ ଚିରଦିନ ନିମନ୍ତେ ଆଦର୍ଶ ହୋଇ ରହିଛନ୍ତି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଉପରୋକ୍ତ ଅନୁଷ୍ଠାନମାନଙ୍କ ଦ୍ୱାରା ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କୁ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଚୁଆ ଓ ଝରଣା ପାଣି ଭରସା: ପାନୀୟ ଜଳ ସମସ୍ୟା ନେଇ ବ୍ଲକ କାର୍ଯ୍ୟାଳୟ ଘେରିଲେ ମହିଳା

ରାୟଗଡା, ୧୬/୨ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ହିତ ପାଇଁ ବହୁବିଧ ଯୋଜନା ପରେ ଯୋଜନା କରିଚାଲିଛନ୍ତି । ହେଲେ ରାଜ୍ୟ ସରକାର ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ଗ୍ରାମପଞ୍ଚାୟତକୁ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ଯୋଗାଉ ଥିବା ବେଳେ ପାନୀୟ ଜଳଯୋଗାଣ ବିଭାଗ ଦ୍ୱାରା ବସୁଧା ଯୋଜନାରେ ଗ୍ରାମାଞ୍ଚଳକୁ ପାଇପ୍ ଯୋଗେ ପାଣି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ବଳବତ୍ତର ରହିଛି ।ଦୁଃଖର ବିଷୟ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ସରକାର ଢେଙ୍ଗୁରା ପିଟୁଥିବା ବେଳେ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକର ମୁନିଖୋଲ ପଞ୍ଚାୟତ ଅନ୍ତର୍ଗତ ଚେରଙ୍ଗପାଇ ଗ୍ରାମବାସୀ ୨୦୧୬-୧୭ ମସିହାରୁ ଆଜି ପର୍ଯ୍ୟନ୍ତ ଚୁଆପାଣିକୁ ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରି ପାଣି ସମସ୍ୟା ନେଇ ଚେରଙ୍ଗପାଇ ମହିଳା ଓ ପୁରୁଷମାନେ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ କାର୍ଯ୍ୟାଳୟ ଘେରିଥିଲେ । ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟା ସମାଧାନ କରାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ପ୍ରକାଶ ଥାଉକି ଦୀର୍ଘ ୮ ବର୍ଷ ହେବ ଚେରଙ୍ଗପାଇ ଗ୍ରାମରେ ଡିଏମ୍ଏଫ୍ ଯୋଜନାରେ ୫ ଲକ୍ଷ ଟଙ୍କା ବିନିମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଠିକାଦାରଙ୍କ ଦ୍ୱାରା ନିର୍ମାଣ ହୋଇଥିଲା ପମ୍ପହାଉସ । ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଦୁଇଟି ଲାଇନରୁ ଗୋଟିଏ ଲାଇନରୁ ଟିକେ ଟିକେ ପାଣି ଆଠଦିନ ଆସିବା ପରେ ଆଉ ପାଣି ଆସୁନଥିଲେ ମଧ୍ୟ ମଟର ଓ ପାଇପକୁ ଠିକାଦାର ଯନ୍ତ୍ରୀ ନେଇଯାଇଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ପରେ ଯନ୍ତ୍ରୀ ଆଳ ଦେଖାଇ କହିଥିଲେ ମଟର ସଜଡା ହୋଇ ଆସିଲେ ଜଳଯୋଗଣ ହେବ ।କିନ୍ତୁ ସେବେ ଠାରୁ ପମ୍ପହାଉସରେ ଆଜି ପର୍ଯ୍ୟନ୍ତ ମଟର ଲାଗିନି ।ଚେରଙ୍ଗପାଇ ଗ୍ରାମବାସୀ ଚୁଆ ଓ ନାଳ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ପିଡିତ ହେଉଥିଲେ । ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ମହିଳାମାନେ ପ୍ରକାଶ କରିବା ସହ ପୂର୍ବରୁ ସରପଞ୍ଚଙ୍କୁ ଗୁହାରି କରିଥିବା କହିଥିଲେ । ତେବେ ଏନେଇ ବିଡିଓ ପ୍ରିତମ କୁମାର ତନ୍ତି ପ୍ରତିକ୍ରିୟାରେ କହିଛନ୍ତି ପାନୀୟ ଜଳର ସୁବ୍ୟବସ୍ଥା କରାଯିବା ସହ ପୋଖରୀକୁ ପୁନରୁଦ୍ଧାର କରାଯିବ ।

## ଫୁଲବାଣୀ ପୁସ୍ତକ ମେଳା ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କନ୍ଧମାଳ, ୧୬/୨ (ନି.ପ୍ର): ଫୁଲବାଣୀ ରେ ଗତ ୧୨ ତାରିଖରୁ ବିଟିମ୍ ପଡିଆରେ ଆରମ୍ଭ ହୋଇଥିବା, ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ର ଚତୁର୍ଦ୍ଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଫୁଲବାଣୀ ରକ୍ତଭଣ୍ଡାର ର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନରେ ଅୟୋଜିତ ଏହି ଶିଖରକୁ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ତାଙ୍କ ସହିତ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ର ସଭାପତି ପ୍ରଶାନ୍ତ କୁମାର ବେହେରା,ମୁଖ୍ୟ ସମ୍ପାଦକ ଡଃ କାହ୍ନୁଚରଣ ଶତପଥୀ,ଉପସଭାପତି ଶରତଚନ୍ଦ୍ର ମହାନ୍ତି,ଟିମ୍ ହ୍ୟୁମାନିଟି କନ୍ଧମାଳର ଆବାହକ ଭି.ଲୋକନାଥ ରାଜୁ, ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଜୟଦୀପ ଘୋଷ୍ ପ୍ରମୁଖ ଯୋଗ ଦେଇଥିଲେ ଏଥିରେ ପ୍ରଥମେ ଫୁଲବାଣୀ ର ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ରକ୍ତଦାନ କରିଥିଲେ । ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତଭଣ୍ଡାର କର୍ମଚାରୀ ସୂଜିତ କୁମାର ସାହୁ, ପ୍ରଶାନ୍ତ କୁମାର ରନ୍ଧାଲୁ,ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ବରିଷ୍ଠ ରକ୍ତଦାତା ଓ ଫୁଲବାଣୀ ରକ୍ତଦାନ ସମିତି ର ସଦସ୍ୟ ଉମେଶ ପ୍ରସାଦ ପାତ୍ର ଏବଂ ଅନ୍ୟମାନେ ସହଯୋଗ କରିଥିଲେ ।

## ଗୋଲମରିଚ



ଭାରି ରାଗ ହୋଇଥିବା ଯୋଗୁ ଗୋଲମରିଚକୁ ପ୍ରାୟତଃ କମ୍ ବ୍ୟବହାର କରାଯାଏ। ହେଲେ, ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ଭାବେ ଏହା ଘରୋଇ ଚିକିତ୍ସାରେ ବେଶ୍ ଉପଯୋଗୀ। ପେଟ, ଚର୍ମ ତଥା ଅସ୍ଥି ସମସ୍ୟାକୁ ଦୂର କରିବାରେ ଗୋଲମରିଚ ଖୁବ୍ ପ୍ରଭାବଶାଳୀ। ଖାଦ୍ୟପାନୀୟରେ ଅନିୟମିତତା ସହିତ କୃମି ଆଦି ଯୋଗୁ ମଧ୍ୟ ପେଟଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ। ଏହାଦ୍ୱାରା ଭୋକ କମ୍ ହୁଏ ଏବଂ ଓଜନ ମଧ୍ୟ କମିଚାଲେ। ଏହାକୁ ଦୂର କରିବା ଲାଗି ଘୋଳଦହିରେ ଗୋଲମରିଚ ଗୁଣ୍ଡ ମିଶାଇ ପିଇବା ଭଲ। ଗୋଲମରିଚ ସହିତ କିସ୍‌ମିସ୍ ମିଶାଇ ଖାଇଲେ ବି କୃମି ଦୂର ହୋଇଥାଏ। ଅସୁସ୍ଥକର ଜୀବନଶୈଳୀ ସହିତ ତେଲିଆ ଏବଂ ଜଙ୍କ୍‌ଫୁଡ୍ ଖାଇବା ଅର୍ଶରୋଗର ମୁଖ୍ୟକାରଣ। ଏଥିରୁ ଆରାମ ପାଇବା ଲାଗି ଗୋଲମରିଚ, ଜୀରା, ଏବଂ ଚିନି କିମ୍ବା ମିଶ୍ରିକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ। ସକାଳ ଓ ସନ୍ଧ୍ୟାରେ ଦୁଇ କିମ୍ବା ତିନିଥର ଏହି ମିଶ୍ରଣକୁ ଖାଇଲେ ଅର୍ଶରୋଗରୁ ମୁକ୍ତି ମିଳିଥାଏ।

ବୟସ ବଢ଼ିବା ସହିତ ଗଣ୍ଠି ସମସ୍ୟା ଆକ୍ରାନ୍ତ କରିଥାଏ। ଏଥିରୁ ଉପଶମ ପାଇଁ ରାଶି ତେଲରେ କେତୋଟି ଗୋଲମରିଚ ପକାଇ ପୂରା ପୋଡ଼ିବା ପର୍ଯ୍ୟନ୍ତ ଗରମ କରନ୍ତୁ। ଏହା ଥଣ୍ଡା ହେବା ପରେ ହାତ ଓ ପାଦର ମାଂସପେଶୀ ଉପରେ ଲଗାଇଲେ ଖୁବ୍ ଆରାମ ମିଳିଥାଏ। ମେଟାବଲିଜିମ୍ ସଠିକ୍ କରିବାରେ ଗୋଲମରିଚର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା



କ୍ୟାଲୋରୀ ହ୍ରାସ କରିବା ସହିତ ପେଟର ଚର୍ବି କମ୍ କରେ। ମେଦବହୁଳତା ସମସ୍ୟାରେ ମଧ୍ୟ ଗୋଲମରିଚ ଖୁବ୍ ଉପକାରୀ। ଏହା ମଧ୍ୟ ପେଟ ସଂକ୍ରାନ୍ତ ଏକାଧିକ ସମସ୍ୟାର ନିରାକରଣ କରିଥାଏ।

ଥଣ୍ଡା ହୋଇଥିଲେ ଗୋଲମରିଚ ଗୁଣ୍ଡ ପକାଇ ହାଲ୍‌କା ଉଷୁମ କ୍ଷୀର ପିଇଦିଅନ୍ତୁ। ସେହିପରି କାଶ ହେଉଥିଲେ ମହୁରେ ଗୋଲମରିଚ ଗୁଣ୍ଡ ମିଶାଇ ଚାଟିବା ଦ୍ୱାରା ଲାଭ ମିଳିଥାଏ। ଦିନକୁ ତିନି-ଚାରି ଥର ଏପରି କଲେ କାଶ କମିଯାଏ। ଏହାର ରାଗୁଆ ସ୍ୱାଦ ଥଣ୍ଡାରେ ବନ୍ଦ ହୋଇଯାଇଥିବା ନାକ ଏବଂ ଗଳାର ସମସ୍ୟା ଦୂର କରିଥାଏ।

ପ୍ରତିଦିନ ଖାଦ୍ୟରେ ଗୋଲମରିଚ ବ୍ୟବହାର କରିବା ଦାନ୍ତ ସମସ୍ୟା ଦୂର କରିଥାଏ। ଦାନ୍ତ ଯନ୍ତ୍ରଣାରେ ବି ଏହା ଲାଭଦାୟକ। ଏହା ଚର୍ମକୁ ସୁସ୍ଥ ରଖିବା ସହିତ ତ୍ୱଚା ସମ୍ପର୍କିତ ବହୁ ସମସ୍ୟା ଦୂର କରିଥାଏ। କଳାଲୁଣ ଏବଂ ଲେମ୍ବୁରସରେ ଗୋଲମରିଚ ଗୁଣ୍ଡ ମିଶାଇ ଏହାକୁ ଧୀରେ ଧୀରେ ପିଇଲେ ଏସିଡ଼ିଟିରୁ ମୁକ୍ତି ମିଳେ। କପେ ଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ଏବଂ ଲେମ୍ବୁରସ ମିଶାଇ ପିଇଲେ ଗ୍ୟାସ ସମସ୍ୟା ଦୂର ହୁଏ।

ରକ୍ତଚାପ ବଢ଼ୁଥିଲେ ଅଧାଗ୍ଲାସ୍ ପାଣିରେ ଗୋଟିଏ ଛୋଟ ଚାମଚ ଗୋଲମରିଚ ଗୁଣ୍ଡ ମିଶାଇ ପିଅନ୍ତୁ। ଆରାମ ମିଳିବ।



## ମୁଡ୍ ବଦଳାଇବା ପାଇଁ ଖାଦ୍ୟ



ଏଥିରେ ପ୍ରଚର ପରିମାଣରେ 'ବି' କମ୍ପ୍ଲେକ୍ସ ଓ ଭିଟାମିନ୍ 'ସି' ରହିଥାଏ । ଏହା ଆପଣଙ୍କୁ ଶାନ୍ତ ରହିବାରେ ସହାୟକ ହୋଇଥାଏ । ସେହିପରି ଏପରି ଅବସ୍ଥାରେ କଫି ପିଇବା ଉଚିତ ନୁହେଁ । ତାଛଡା ଏହି ସମୟରେ ପ୍ରୋଟିନ୍ ଥିବା ଖାଦ୍ୟ ଯେପରିକି ଚିକେନ୍, ପନିର୍ ଇତ୍ୟାଦି ଖାଇବା ଉଚିତ୍ । ଏହା ଦ୍ୱାରା ଶରୀରରେ ପ୍ରଚୁର ପରିମାଣରେ ଡୋପାମାଇନ୍ ତିଆରି ହୋଇଥାଏ । ଏହା ଶରୀରକୁ ସଜାଗ ରଖିବାରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ମନ ଦୁଃଖ ଥିବା ସମୟରେ ଚକୋଲେଟ୍ ଖାଆନ୍ତୁ । ପାଚିଲା କଦଳୀ ମଧ୍ୟ ଏହି ସମୟରେ ଖାଇବା ଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ । ସେହିପରି ଶାଗ ଓ କମଳା ରସ ଆପଣଙ୍କୁ ହାଲ୍‌କାର ରଖିଥାଏ । ଏଥିରେ ଥିବା ଫଲିକ୍ ଏସିଡ ଆପଣଙ୍କ ମନ ପରିବର୍ତ୍ତନରେ ବେଶ୍ ସହାୟକ । କ୍ରୋଧ ଆସିବା ସମୟରେ ଶରୀରକୁ ଥଣ୍ଡା ରଖୁଥିବା ଖାଦ୍ୟ ଖାଇବା ଉଚିତ୍ । ଯେପରିକି କାକୁଡି, ଦହି କିମ୍ବା ଥଣ୍ଡା କ୍ଷୀର ପିଇବା ଉଚିତ । ଏହା ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରିଥାଏ ।

ଅନେକ ସମୟରେ ଖାଲି ଡାଲି ଭାତ ବି ଆମକୁ ସବୁଠାରୁ ସୁଆଦିଆ ଲାଗେ । ସେହିପରି କେତେକ ସମୟରେ ନିଜର ପ୍ରିୟ ଖାଦ୍ୟ ମଧ୍ୟ ଆମକୁ ଖାଇବାକୁ ଇଚ୍ଛା ହୁଏ ନାହିଁ । କାରଣ ଅନେକ ସମୟରେ ଖାଦ୍ୟକୁ ନେଇ ରୁଚି ଆମର ମନର ଅବସ୍ଥା ଉପରେ ନିର୍ଭର କରିଥାଏ । ସେହିପରି ଖାଦ୍ୟ ମଧ୍ୟ ଆମର ମନର ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିଥାଏ । ଏଣୁ ନିଜର ମୁଡ୍ ବଦଳାଇବା ପାଇଁ ଆପଣ କେତେକ ସ୍ୱତନ୍ତ୍ର ଖକାଦ୍ୟ ଖାଇ ପରିବେ । ଯେପରିକି ମାନସିକ ଚାପ ଦୂରେଇବା ପାଇଁ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମାନସିକ ଚାପ ଦୂର କରିବା ପାଇଁ ଆପଣ କଖାରୁ ମଞ୍ଜି ବା ପେଶୁ ମଞ୍ଜି ବା ଅଖରୋଟ୍ ଇତ୍ୟାଦି ଖାଇବା ଆବଶ୍ୟକ । ଏଥିରେ ପ୍ରଚୁର ପରିମାଣରେ ଓମେଗା ୩ ଭରି ରହିଛି । ଏହା ଆମ ଶରୀରରେ ମ୍ୟାଗ୍ନେସିୟମ୍‌କୁ ନିୟନ୍ତ୍ରଣ କରିଥାଏ । ମ୍ୟାଗ୍ନେସିୟମ୍ ହିଁ ଅବସାଦରେ ଶାରୀରିକ ତଥା ମାନସିକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ । ମାନସିକ ଚାପରୁ ମୁକ୍ତି ପାଇଁ ଭଜା ମାଛ ମଧ୍ୟ ବେଶ୍ ଉପଯୋଗୀ । ସେହିପରି କୌଣସି ସାକ୍ଷାତକାର ପାଇଁ ଯିବା ପୂର୍ବରୁ ଅନେକେ ଅଧିକ ଆତୁର ବା ଉତ୍କଣ୍ଠିତ ହୋଇ ପଡନ୍ତି । ଏହିପରି ଅବସ୍ଥାରେ ଶାରୀରିକ ଓ ମାନସିକ ନିୟନ୍ତ୍ରଣ ରକ୍ଷା ପାଇଁ ଲେମ୍ବୁପାଣି ପିଇବା ଉଚିତ । କିମ୍ବା ଆଳୁରେ ତିଆରି କୌଣସି ଖାଦ୍ୟ ଖାଆନ୍ତୁ ।

## ପୋଷାକରେ ଦାଗ ଲାଗିଗଲେ

ଆପଣଙ୍କର ଦାମୀ ପୋଷାକରେ ଦାଗ ଲାଗିଗଲା କ'ଣ କରିବେ ? ଯେତେ ଦାମୀ ପୋଷାକ ହେଲେ ମଧ୍ୟ ଥରେ ଦାଗ ଲାଗିଗଲେ ଗୁରୁତ୍ୱପୂର୍ଣ୍ଣ ଉତ୍ସବରେ ସେଇଟିକୁ ଆଉ ପିନ୍ଧିବାକୁ ଇଚ୍ଛା ହୁଏ ନାହିଁ । ଅନେକ ଦାଗ ଅଛି ଥରେ ଲାଗିଲେ ଆଉ ଛାଡିନଥାଏ । ଦାଗ ଗଭୀର ହୋଇଥିଲେ କିପରି ଛଡାଇବେ ଆସନ୍ତୁ ଜାଣିବା....

ଦାଗ ତେଲିଆ ହୋଇଥିଲେ, ଦାଗ ଲାଗିଥିବା ଅଂଶକୁ ଉଷୁମ ସାବୁନ୍ ପାଣିରେ ବୁଡାଇ ମକଚି ଦେଲେ ଦାଗ ଛାଡିଯାଏ କିମ୍ବା ତେଲ ଦାଗ ତଳେ ଭିତରେ ପଣେ ବ୍ଲଟିଙ୍ଗ କାଗଜ ଦେଇ, ଦାଗଥିବା ସ୍ଥାନ ଉପରେ ଅଳ୍ପ ପାଣି ଛିଞ୍ଚି କଡା ଇସ୍ତ୍ରୀ କରିଦେବା ଦ୍ୱାରା ଦାଗ ଚାଲିଯାଏ ଅଥବା ଦାଗଥିବା ସ୍ଥାନରେ ଟେଲକମ୍ ପାଉଡର ଛିଞ୍ଚି ଅଧଘଣ୍ଟା ରଖି ପରେ ସାବୁନରେ ଧୋଇଦେବା ଦ୍ୱାରା ମଧ୍ୟ ଦାଗ ସଫା ହୁଏ । ଦାଗ ଅଧିକ କଷ ହୋଇ ହଳଦିଆ ରଙ୍ଗ ହୋଇଯାଇଥିଲେ, ହଳଦିଆ ରଙ୍ଗ ଲାଗିଥିବା ସ୍ଥାନରେ ପ୍ରଥମେ କ୍ଷୀର କିମ୍ବା ଲେମ୍ବୁରସ ଘସି ସାବୁନରେ ଧୋଇ ଦିଅନ୍ତୁ । ଏହାପରେ ଖରାରେ ଶୁଖାଇଲେ ହଳଦିଆ ରଙ୍ଗ ଚାଲିଯାଏ ।

## ସଫଳ ଜୀବନର ସୂତ୍ର



ଜୀବନକୁ ସଫଳ ତଥା ସାର୍ଥକ କରିବା ପାଇଁ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ । ଭଗବାନ୍ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧ ବେଳେ ସାର୍ଥକ ଓ ସଫଳ ଜୀବନ ବଞ୍ଚିବା ପ୍ରସଙ୍ଗରେ ଅର୍ଜୁନଙ୍କୁ କେତୋଟି ଉପଦେଶ ଦେଇଥିଲେ । ସେସବୁ ପାଳନ କଲେ ମଣିଷ ଜୀବନ ସାର୍ଥକ ହେବ । ଗୋଟିଏ ହେଉଛି ସମର୍ପିତ ଭାବ । ନିଜ କର୍ମ ପ୍ରତି ପୂର୍ଣ୍ଣ ସମର୍ପିତ ହେଲେ ବ୍ୟକ୍ତି ସଫଳ ହୋଇଥାଏ । ପୂର୍ଣ୍ଣ ସମର୍ପିତ ଭାବ ରହିଲେ କାର୍ଯ୍ୟକୁ ନେଇ ବ୍ୟକ୍ତି ମଧ୍ୟରେ କୌଣସି ପ୍ରକାରର ଦ୍ୱନ୍ଦ୍ୱ ରହେ ନାହିଁ ଏବଂ ବ୍ୟକ୍ତିର ଆତ୍ମବିଶ୍ୱାସ ମଧ୍ୟ ବଢ଼ି

ଥାଏ । ଅବିଚଳିତ ରହିବା ପାଇଁ ସେ ଅର୍ଜୁନଙ୍କୁ ଉପଦେଶ ଦେଇଥିଲେ । କାର୍ଯ୍ୟର ପରିଣାମ ନେଇ ବିଚଳିତ ନ ହୋଇ ସ୍ଥିର ଚିତ୍ତରେ କାର୍ଯ୍ୟ କଲେ ଏକାଗ୍ରତା ବଢ଼େ । ଏକାଗ୍ରତା ରକ୍ଷା କଲେ ମଣିଷ ସଫଳତା ପାଏ । ମଣିଷର ଜୀବନ ସର୍ବଦା ସଂଘର୍ଷମୟ । ଜୀବନରେ ଅନେକ ଦୁଃଖ ଏବଂ ସମସ୍ୟା ଆସି

ଥାଏ । ସେବୁ ଉଚିତ ମୁକାବିଲା କରି ଆଗେଇବାରେ ରହିଛି ଜୀବନର ସାର୍ଥକତା । ସେହିପରି ସବୁବେଳେ ଧର୍ମ ଓ ନ୍ୟାୟ ଆଧାରରେ ଜୀବନଯାପନ କରିବା ଉଚିତ । ତାହା ଦ୍ୱାରା ବିଳମ୍ବ ହେଲେ ବି ବ୍ୟକ୍ତି ସଫଳତା ଲାଭ କରେ । ସଫଳ ଜୀବନର ଆଉ ଏକ ସୂତ୍ର ହେଉଛି ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବା । ଭାବପ୍ରବଣ ହୋଇ କର୍ତ୍ତବ୍ୟ ଭୁଲିବା ବା କର୍ତ୍ତବ୍ୟକୁ ଏଡାଇ ଚାଲିବା ଉଚିତ ନୁହେଁ । କର୍ତବ୍ୟ ଓ ଭାବପ୍ରବଣତା ମଧ୍ୟରେ ସନ୍ତୁଳନ ରକ୍ଷା କରି ଚଳିବା ଆବଶ୍ୟକ । ତାହା ମଣିଷକୁ ନିଜର ପ୍ରକୃତ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାରେ ସହାୟକ ହୋଇଥାଏ । ପରିଣାମ ବା ଫଳାଫଳ କଥା ଚିନ୍ତା ନ କରି ସବୁବେଳେ କାର୍ଯ୍ୟ କରିଚାଲିବା ଉଚିତ୍ । ଧର୍ମ ଓ ନ୍ୟାୟର ରାସ୍ତା ସବୁବେଳେ କଠିନ । ମଣିଷ ଅନେକ ସମୟରେ ନିଜ କାର୍ଯ୍ୟର ଫଳାଫଳକୁ ନେଇ ଚିନ୍ତିତ ରହେ । କାମରେ ଅବହେଳା କରେ । ତେବେ ତାହା ଅନୁଚିତ । ତେଣୁ କାମ କରିଚାଲିବା ସହ ଫଳାଫଳ ଭଗବାନ୍‌ଙ୍କ ଉପରେ ଛାଡିଦେବା ପାଇଁ ଶ୍ରୀକୃଷ୍ଣ ଉପଦେଶ ଦେଇଥିଲେ ।

## ଚାଷ ପାଇଁ: ପରିବେଶ ଉପଯୋଗୀ ପ୍ରଯୁକ୍ତି କୌଶଳ



କୌଣସି ରାସାୟନିକ ଦ୍ରବ୍ୟ ବ୍ୟବହାର କରାନଯାଇ ମଧ୍ୟ ଚାଷୀମାନେ ଫସଲ ଅମଳ କରିବାରେ ସଫଳ ହୋଇପାରୁଛନ୍ତି। ସେମାନଙ୍କ ଫସଲରେ କୌଣସି କୀଟପତଙ୍ଗ ଆକ୍ରମଣ ଅଥବା ରୋଗ ମଧ୍ୟ ପରିଲକ୍ଷିତ ହୋଇନାହିଁ। କେରଳର ଧାନ ଚାଷ ଅଞ୍ଚଳ କୁହାଯାଉଥିବା କୁଟ୍ଟନାଡ ଚାଷୀଙ୍କୁ ଏହି ସଫଳତା ମିଳିଛି। ସେଠାରେ ଏକ ଅନନ୍ୟ ପରିବେଶ ଦୃଷ୍ଟିରୁ ଭିନ୍ନ ଏକ ଜୈବ ଭୌଗଳିକ ଅଞ୍ଚଳ ରହିଛି। ଉକ୍ତ ଅଞ୍ଚଳରେ ଜମିରେ ଜଳ ଜମି ରହିବା ସହିତ ଅମ୍ଳ ଅଂଶ ଅଧିକ ରହିବା ଭଳି ସମସ୍ୟା ଏବଂ ଗ୍ରୀଷ୍ମକାଳୀନ ବର୍ଷାରେ ଶସ୍ୟହାନି, ମୌସୁମୀ ଋତୁରେ ଖାଲୁଆ ଅଞ୍ଚଳ ଜଳମଗ୍ନ ହେବା ଭଳି ସମସ୍ୟା ରହିଛି। ଏହିଭଳି ସମସ୍ୟାରୁ ମୁକ୍ତି ପାଇବାକୁ ସେଣ୍ଟ୍ରାଲ ପ୍ଲାଣ୍ଟେସନ କ୍ରପ୍‌ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବରିଷ୍ଠ ବୈଜ୍ଞାନିକ ଡଃ ପି ମୁରଲୀଧରନଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ସେ ପରକୁ ପର ତିନିଟି ଫସଲରେ ବିହନ ବୁଣିବା, ମୃତ୍ତିକାକୁ ନେଇ ନିର୍ଦ୍ଦିଷ୍ଟ ସ୍ଥାନ ଭିତ୍ତିକ ଅମ୍ଳୀୟ-ପୋଷାକ ପରିଚାଳନା, ପରିବେଶ ଉପଯୋଗୀ କୀଟପତଙ୍ଗ ଏବଂ ରୋଗ ପରିଚାଳନା ଏବଂ ପ୍ରମୁଖ କୀଟଗୁଡ଼ିକର ନିୟନ୍ତ୍ରଣ ପାଇଁ ଟ୍ରାଇକୋକର୍ଡ ସ୍ଥାପନ ଆଦି ସମ୍ପର୍କରେ କୃଷକମାନଙ୍କୁ କ୍ଷେତ୍ର ପ୍ରଦର୍ଶନମୂଳକ ପ୍ୟାକେଜ ଜରିଆରେ ତାଲିମ ଦିଆଯାଇଥିଲା। ୧୦୦ରୁ ଅଧିକ ଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏବଂ ଚାରିବର୍ଷ ସେମାନେ ୭୪.୨ ହେକ୍ଟର ଜମିରେ ଚାଷ କରିଥିଲେ। ନିୟମିତ କ୍ଷେତି ଗ୍ରସ୍ତ, କ୍ଷେତ୍ର ସ୍ତରରେ କୃଷକଙ୍କୁ ତାଲିମ, ବିହନ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ସବୁ କିଛିକୁ ନିୟମିତ ଭାବେ ଲକ୍ଷ୍ୟ କରାଯାଇଥିଲା। ଧାନବୁଣା ଯନ୍ତ୍ର ବ୍ୟବହାର କରିବାପରେ ଧାନ ବିହନ ଆବଶ୍ୟକତା ହେକ୍ଟର ପିଛା ୧୦୦ରୁ୧୨୦ କିଲୋଗ୍ରାମ ପରିବର୍ତ୍ତେ ୩୦ କିଲୋକୁ ହ୍ରାସ ପାଇଥିଲା। ଏହାଦ୍ୱାରା ବିହନ ଜମିରେ ଠିକ୍ ଭାବେ ପଡ଼ିବା ସହିତ ଗଛଗୁଡ଼ିକ ହୃଷ୍ଟପୁଷ୍ଟ ହୋଇଥିଲା ଏବଂ ସେଗୁଡ଼ିକରୁ ଠିକ୍ ପିଲ ବାହାରିଥିଲା। ଏହି ଫସଲରେ ରାସାୟନିକ କୀଟନାଶକ ଏବଂ କବକମାରୀ ବ୍ୟବହାର ପ୍ରାୟ ୯୦ ପ୍ରତିଶତ ହ୍ରାସ ପାଇଥିଲା। ପାରମ୍ପରିକ ଫସଲରେ ଅମଳ ହେକ୍ଟର ପିଛା ୫ରୁ ୬ ଟନ ହେଉଥିବାବେଳେ ଏକ୍ଷେତ୍ରରେ ଯଥେଷ୍ଟ କମ୍ ଖର୍ଚ୍ଚରେ ଅମଳ ୬ରୁ ୭ ଟନ୍ ହୋଇଥିଲା।





## କର୍କଟରୋଧୀ ପେସ୍ତାବାଦାମ

ପେସ୍ତାବାଦାମ, ଉତ୍ତମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଏହା ଏକ ଭଲ ଖାଦ୍ୟ। ୱାଶିଂଟନ୍‌ରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି, ନିୟମିତି ଭାବରେ ପେସ୍ତାବାଦାମ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ୍। ଗବେଷକଗଣ ୩୦,୭୦୮ଜଣ ବ୍ୟକ୍ତିଙ୍କୁ ନେଇ ପରୀକ୍ଷା କରିଥିଲେ। ନିୟମିତି ଭାବରେ ସେମନଙ୍କୁ ପେସ୍ତାବାଦାମ ଖାଇବାକୁ ପ୍ରସ୍ତାବ ଦିଆଗଲା। ସେମାନଙ୍କ ମଧ୍ୟରେ କିଛି କର୍କଟ ରୋଗାକ୍ରାନ୍ତ ମଧ୍ୟ ଥିଲେ। ମାସିକ ସ୍ତରରେ ଦୁର୍ବଳ ଥିବା ପିଲା ଓ ଯୁବଗୋଷ୍ଠୀ ଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେଲା। ପେସ୍ତାବାଦାମ ଖୁବ୍ ଭଲଭାବେ କର୍କଟ ରୋଗ ପ୍ରତିରୋଧ କରୁଛି ବୋଲି ବିଶେଷଜ୍ଞଙ୍କ ମତ। ଆମେରିକାର ସମସ୍ତ କର୍ମସଂସ୍ଥାରେ ଏବେ କର୍ମଚାରୀ ପେସ୍ତାବାଦାମ ଖାଇବା ବାଧ୍ୟତାମୂଳକ କରାଯିବ ବୋଲି ଜଣାପଡ଼ିଛି।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୃଷକ ଆନ୍ଦୋଳନ...

ପଞ୍ଜାବର ଚାଷୀମାନେ ଏବେ ଆନ୍ଦୋଳନରତ । ହଜାର ହଜାର ସଂଖ୍ୟାରେ ସେମାନେ ଏକତ୍ରିତ ହୋଇଛନ୍ତି ହରିୟାନା ରାଜ୍ୟର ସୀମାନ୍ତବର୍ତ୍ତୀ ତିନିଗୋଟି ସ୍ଥାନରେ, ଯେଉଁଠୁ ସେମାନେ ଦିଲ୍ଲୀରେ ପ୍ରବେଶ କରି ସେମାନଙ୍କର ଦାବି ଉପସ୍ଥାପନ କରିବାକୁ ଉଦ୍ୟତ। ରାଜଧାନୀ ନୂଆଦିଲ୍ଲୀକୁ ସେମାନେ କିପରି ପ୍ରବେଶ କରି ନ ପାରିବେ, ସେଥିପାଇଁ ପୁଲିସ ଏକ ବଳୟ ତିଆରି କରି ସେମାନଙ୍କୁ ଅଟକାଇଛି। ନଭେମ୍ବର ୨୦୨୧ରେ କେନ୍ଦ୍ର ସରକାର ତିନିଗୋଟି ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିନେବା ପର୍ଯ୍ୟନ୍ତ ଦୀର୍ଘକାଳ ବ୍ୟାପି କୃଷକମାନଙ୍କ ବଡ଼ ଧରଣର ଆନ୍ଦୋଳନ ପରେ ବର୍ତ୍ତମାନର କୃଷକ ଆନ୍ଦୋଳନ ୨.୦ ରାଜଧାନୀ ଦିଲ୍ଲୀର ଚଳାଚଳକୁ ପଙ୍ଗୁ କରିବା ଭଳି ଅବସ୍ଥାକୁ ନେଇ ଆସିଛି । ଏଥର ପ୍ରତିବାଦକାରୀମାନଙ୍କର ଦାବି ରହିଛି- ଫସଲଗୁଡ଼ିକ ପାଇଁ ଆଇନଗତ ଭାବରେ ନିଶ୍ଚିତତା ପ୍ରଦାନ କରାଯାଉଥିବା ସର୍ବନିମ୍ନ ସମର୍ଥନ ମୂଲ୍ୟ (ଏମ୍ସ୍), ଋଣ ଛାଡ଼, କୃଷି କ୍ଷେତ୍ରକୁ ପ୍ରଭାବିତ କରୁଥିବା ଆନ୍ତର୍ଜାତିକ ଚୁକ୍ତିନାମାଗୁଡ଼ିକ ବାତିଲ କରିବା ଏବଂ କୃଷକ ଓ କୃଷି ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମାସିକ ୫ ହଜାର ଟଙ୍କାର ପେନସନ୍ ପ୍ରଦାନ । କୃଷକମାନଙ୍କ ପ୍ରତିବାଦର ପ୍ରତିକ୍ରିୟା ସ୍ୱରୂପ ଯେଉଁସବୁ ଘଟଣା ଇତି ମଧ୍ୟରେ ଘଟି ଯାଇଛି, ତାହା ହେଉଛି, ପୁଲିସ କୌଣସି ପରିସ୍ଥିତିରେ ମଧ୍ୟ ରାଜଧାନୀର ରାସ୍ତାଘାଟ ସେମାନଙ୍କ ଟ୍ରାକ୍ଟରଗୁଡ଼ିକ ଦ୍ୱାରା ଜାମ୍ ନହେବାକୁ ଦେବା ପାଇଁ ପ୍ରତିବଦ୍ଧ ହେବା ଭଳି ଦେଖାଯିବା, ଯେଉଁଥିପାଇଁ ସେମାନଙ୍କ ଉପରକୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଛି, ଯେଉଁଥିରୁ କେତେକ ଡ୍ରୋନ୍‌ଗୁଡ଼ିକରୁ କରାଯାଇଛି, ବିଶେଷକରି ପୁଲିସ ବ୍ୟାରିକେଡ୍‌କୁ ଭାଙ୍ଗିବାକୁ ଉଦ୍ୟତ କୃଷକମାନଙ୍କ ଉପରେ ପଞ୍ଜାବ ଏବଂ ହରିୟାନା ମଧ୍ୟସ୍ଥ ଶମ୍ଭୁ ସୀମାରେ। ସରକାର ଏବଂ କୃଷକମାନଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନାରେ କୌଣସି ପ୍ରକାରର ସମାଧାନର ପନ୍ଥା ନ ବାହାରିବା ପରେ ପୁଣିଥରେ ଆଲୋଚନା ଚାଲୁ ରହିଥିବା ବେଳେ ପ୍ରତିବାଦକାରୀ କୃଷକମାନଙ୍କ ପକ୍ଷରୁ କିପରି ଏକ ସହମତି ହାସଲ କରାଯାଇ ପାରିବ, ତାହା ସରକାର ୨୦୨୦ର ବଡ଼ ଧରଣର କୃଷକ ଆନ୍ଦୋଳନ 'ଦିଲ୍ଲୀ ଚଲୋ'ରୁ ଅନେକ କିଛି ଶିକ୍ଷା କରିଥାଇ ପାରନ୍ତି ଏବଂ ସେମାନଙ୍କର ଦୁର୍ଦ୍ଦଶାକୁ ଦୂର କରିବା ନିମନ୍ତେ ଗମ୍ଭୀର ଭାବରେ ପ୍ରସଙ୍ଗଗୁଡ଼ିକୁ ଗ୍ରହଣ କରି ପାରନ୍ତି ବୋଲି ଆଶା କରାଯାଏ । ତଥାପି କୃଷକ ଭାବରେ ଦେଶବାସୀଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇବା ନିମନ୍ତେ ସେମାନଙ୍କର କଷ୍ଟକର ଜୀବନରେ ଯେ ସବୁକିଛି ଠିକ୍ ଅଛି, ତାହା କଳ୍ପନା କରିବା ଠିକ୍ ନୁହେଁ । ଖୋଲା ବଜାର ପକ୍ଷରୁ ସେମାନେ ବାସ୍ତବ ଆୟଜନିତ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏମ୍ସ୍‌ଗୁଡ଼ିକ ସେମାନଙ୍କ ପାଇଁ କ୍ୱଚିତ୍ ଅଧିକ ଲାଭଦାୟକ ହେଉଛି ଏବଂ ଏହା ବାଦ୍ ମଧ୍ୟ ଜଳବାୟୁ ପରିବର୍ତ୍ତନଜନିତ ଅନିୟମିତ ବର୍ଷା ଫଳରେ ସେମାନେ ଏକ ଅନିଶ୍ଚିତ ଆୟର ସଙ୍କଟ ଭିତର ଦେଇ ଗତି କରୁଛନ୍ତି । ଏଥିପାଇଁ କୃଷକମାନଙ୍କର ମୂଳ ଏସ୍‌ଏମ୍ ସଂଗଠନ ଏବଂ ଅନେକ ସଂଖ୍ୟକ ଟ୍ରେଡ୍ ୟୁନିଅନ୍ ଫେବ୍ରୁଆରୀ ୧୬ ତାରିଖରେ ସେମାନଙ୍କର ପ୍ରତିବାଦ ଜାହିର କରିବାକୁ ଏକ ଦେଶବ୍ୟାପି ଗ୍ରାମୀଣ ଏବଂ ଔଦ୍ୟୋଗିକ ହରତାଳ କରିବାକୁ ଆହ୍ୱାନ ଦେଇଛନ୍ତି । କୃଷକମାନଙ୍କ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରି ସେସବୁର ସମାଧାନ କରିବା ନିମନ୍ତେ ସରକାର ପଞ୍ଜାବର ଚାଷୀମାନଙ୍କ ପାଇଁ ଦ୍ୱାର ଖୋଲା ରଖିଛନ୍ତି । ତେବେ ଏମ୍‌ଏସ୍‌ପି ପାଇଁ ଏକ ଆଇନଗତ ଗ୍ୟାରେଣ୍ଟି ମିଳିବାର ସମ୍ଭାବନା କ୍ଷୀଣ, କାରଣ ତାହା ବ୍ୟାଘାତ ସୃଷ୍ଟିକାରୀ ହେବା ସହିତ ଅନୁପାଦକ ହୋଇପାରେ, ଯେତେବେଳେ କି ଏହା ନିୟନ୍ତ୍ରଣ କରି ନହେବା ଭଳି ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟରେ ମୁଦ୍ରାଗୀତି ଦିଗରେ ପଥ କଢ଼ାଇ ନେଇପାରେ। ଏହି କାରଣରୁ ହିଁ ୨୦୧୦ରେ ଉପା-୨ ସରକାର ଏବଂ ୨୦୧୪ଠାରୁ ଏନ୍‌ଡିଏ ସରକାର କୃଷକମାନଙ୍କର ଏହି ଦାବିକୁ ଗ୍ରହଣ କରିବାକୁ ଗ୍ରହଣ କରିବାକୁ ମନା କରି ଆସୁଛନ୍ତି, ଯଦିଓ ସ୍ୱାମୀନାଥନ୍ କମିଟି ରିପୋର୍ଟ ଉତ୍ପାଦନର ହାରାହାରି ମୂଲ୍ୟ ଉପରେ ନିହାତି କମ୍‌ରେ ୫୦ ପ୍ରତିଶତ ଏମ୍‌ଏସ୍‌ପି ଦେବାକୁ ସୁପାରିସ କରିଥିଲେ। ସମ୍ପ୍ରତି ଫ୍ରାନ୍ସ ଏବଂ ଜର୍ମାନୀରେ ଚାଷୀମାନେ ମଧ୍ୟ ସେମାନଙ୍କ ସରକାରମାନଙ୍କ ବିରୋଧରେ ବିକ୍ଷୋଭ ଆରମ୍ଭ କରି ଦେଇଛନ୍ତି, ଯାହାର ଅର୍ଥ, ଭାରତୀୟ କୃଷକମାନେ ଏ କ୍ଷେତ୍ରରେ ସ୍ୱତନ୍ତ୍ର ନୁହନ୍ତି। କିନ୍ତୁ ଏକ ଅର୍ଥନୀତି, ଯେଉଁଥିରେ ୧୪୦ କୋଟି ଲୋକଙ୍କ ମଧ୍ୟରୁ ପାଖାପାଖି ଅଧା ସଂଖ୍ୟକ କୃଷି ଉପରେ ନିର୍ଭରଶୀଳ, ସେମାନଙ୍କ ଜୀବନକୁ କିପରି ସ୍ୱଚ୍ଛନ୍ଦ କରିହେବ, ସେଥିପାଇଁ ସର୍ବୋତ୍କୃଷ୍ଟ ସମାଧାନର ପନ୍ଥା ସରକାର ନିର୍ଣ୍ଣୟ କରିବା ଉଚିତ । ସେମାନଙ୍କ ଦ୍ୱିତୀୟ ପର୍ଯ୍ୟାୟର ପ୍ରତିବାଦକୁ ମୁକାବିଲା କରିବା ପାଇଁ ରାଜଧାନୀକୁ ସେମାନଙ୍କ ପ୍ରବେଶ କରି ଶିବିର ପକାଇବାରୁ ରୋକିବା ସରକାରଙ୍କର ଏକମାତ୍ର ଲକ୍ଷ୍ୟ ହୋଇ ନପାରେ । ଏକ ନିର୍ବାଚନୀ ଋତୁରେ ବିରୋଧୀ ଦଳମାନେ ଏହାର ଫାଇଦା ଉଠାଇ ପାରନ୍ତି, ଯେଉଁମାନଙ୍କ ମଧ୍ୟରୁ କେହି ହେଲେ ଚାଷୀମାନଙ୍କ ସମସ୍ୟାକୁ ସମାଧାନ କରିପାରି ନାହାନ୍ତି, କେନ୍ଦ୍ରରେ କ୍ଷମତାରେ ଥିଲା ବେଳେ ମଧ୍ୟ ନୁହେଁ । ଶାସକ ଦଳ ପାଇଁ ସେମାନଙ୍କ ସମସ୍ୟାର ସମାଧାନର ପଥ କଷ୍ଟକର ହୋଇପାରେ, କିନ୍ତୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ମାଟି ସହିତ ମାଟି ହୋଇ ଦେଶକୁ ଖାଦ୍ୟ ଯୋଗାଇ ଜୀବନ ରକ୍ଷା କରୁଥିବା କୃଷକମାନଙ୍କ ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାର ଏକ ପନ୍ଥା ନିର୍ଣ୍ଣୟ କରିବା ଉଚିତ।



# ଆଦିକବି

## ଅକ୍ଷୟ କୁମାର ରାଉତ

ସାରଳା ଦାସ ଅଭିବକ୍ତ କଟକ ଜିଲ୍ଲାର ଜଙ୍ଘେରପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ । ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା ।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ । ଏହିପରି ଅସହାୟ ମୁହୂର୍ତ୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ,ଯାହା ଉପରୁ ଶୁଭିବ ତୁ ଲେଖିବୁ" । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ ।

ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀ ମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୂର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତନ ଆଣିଥିଲା ।

'ମା'ଙ୍କ ଦତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜ୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କତା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି ।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ତ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି। ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।


+ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର

ମୋ : ୯୯୩୭୬୯୧୪୭୫


# ଫେସବୁକ ହ୍ୟାକ ନାଁରେ ଜାଲିଆତି

## ଦିପ୍ତିମୟୀ ନାୟକ



ଆଜିକାଲି ବହୁତ ଲୋକ ଫେସବୁକର ବହୁଳ ବ୍ୟବହାର କରୁଛନ୍ତି । ଯେହେତୁ ଫେସବୁକ ଗୋଟେ ସୋସିଆଲ ଆପ୍ସ ଏହି ଆପ୍ସ ମାଧ୍ୟମରେ ସୁଦୂର ସମ୍ପର୍କ ଦୃଢ ହୋଇପାରୁଛି । ହୁଏତ ଏହି ଫେସବୁକରେ ଆମ ମାନଙ୍କୁ ବେଳେବେଳେ କିଛି ଭଲ ସାଙ୍ଗ ମିଳନ୍ତି ଆଉ କିଛି ମନ୍ଦ ସାଙ୍ଗ ସାଙ୍ଗ ମିଳିଥାନ୍ତି କିନ୍ତୁ ଅନେକ ସମୟରେ ଏହି ଫେସବୁକ ମାଧ୍ୟମରେ ଅନେକ ଲୋକ ଠକାମୀର ଶିକାର ହୋଇଥାନ୍ତି । ଆଉ ବେଳେବେଳେ କେହି କେହି ନିଜ ଆକାଉଣ୍ଟ ହ୍ୟାକ ହୋଇଛି ବୋଲି ସାଇବର ଥାନାରେ ଅଭିଯୋଗ ମଧ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ଦେଇ ନିଜ ଆକାଉଣ୍ଟ ହ୍ୟାକ ହୋଇଛି ବୋଲି ଫେସବୁକରେ ଗୋଟେ ଲମ୍ବା ପୋଷ୍ଟ କରିଦିଅନ୍ତି । ଯଦି ନିଜ ମନ୍ତବ୍ୟରେ ନିଜେ ସନ୍ତୁଷ୍ଟ ନୁହଁ ତେବେ କାହିଁକି ଏମିତି ଅଶାଳୀନ ମନ୍ତବ୍ୟ ଦେବ ଆଉ ନିଜେ ନିଜର ସତ୍ୟତା ଲୁଚାଇବାକୁ ଯାଇ ନିଜ ଆକାଉଣ୍ଟ ହ୍ୟାକ ହୋଇଛି ବୋଲି ସୋସିଆଲ ମିଡିଆରେ କହିବ । ଯଦି ସତରେ ଆକାଉଣ୍ଟ ହ୍ୟାକ ହେଉଛି ତେବେ କାହିଁକି ଏମାନେ ସାଇବର ଥାନାକୁ ଯାଇ କିଛି ଅଭିଯୋଗ କରୁନାହାନ୍ତି ଏହା ହେଉଛି ଆଜିର ଦିନର ସବୁଠାରୁ ବଡ଼ ପ୍ରସଙ୍ଗ ।

ତେବେ ରାତି ପାହିଲେ କିଛି ଲୋକ ଟିଭି ଖୋଲିବା ବଦଳରେ ନିଜ ମୋବାଇଲଟାକୁ ଖୋଲିଦିଅନ୍ତି । ଆଉ ସେଥିରେ ଥିବା କିଛି ଆପ୍ସକୁ ନଦେଖି ଲୋକମାନେ ଆଗ ଫେସବୁକକୁ ଟିକେ ଆଡେଇ ଦିଅନ୍ତି । ଆଉ ତାପରେ ଦେଖନ୍ତି କିଛି ଲୋକ ଅନେକ ଜାଗାରେ ଭୁଲ ଲେଖି ନିଜକୁ ମହାଜ୍ଞାନୀ ପଣ୍ଡିତ ବୋଲି ପ୍ରମାଣିତ କରିବାକୁ ଯାଇ ଲୋକହସା ହୁଅନ୍ତି ଆଉ ତାପରେ କୁହନ୍ତି ମୋ ଫେସବୁକ ଆକାଉଣ୍ଟ ହ୍ୟାକ ହୋଇଛି ଏବଂ ସେହି ଫେସବୁକକୁ ଆଉ କେହିଜଣେ ଚଲେଇ ଲୋକମାନଙ୍କୁ ଗାଳି ଗୁଲଜ କରିବା ସହ ଲୋକଙ୍କୁ ଟଙ୍କା ମାଗୁଛି । ତେବେ ସେହିମାନଙ୍କୁ ଗୋଟେ କଥା ଆପଣଙ୍କ ଆକାଉଣ୍ଟ ସତରେ ହ୍ୟାକ ହୋଇଛି ତ। କାହିଁକି ଏମିତି ନିଜ ଭୁଲକୁ ଲୁଚେଇବା ପାଇଁ ଏମିତି ମିଛ କଥା ଫେସବୁକରୁ ପୋଷ୍ଟ କରୁଛ । ଯଦି ନିଜକୁ କିଛି ଜଣାନାହିଁ ତେବେ ଅନ୍ୟମାନଙ୍କ ଠାରୁ କିଛି ଶିଖିବାକୁ ଚେଷ୍ଟା କର । ତମକୁ କେହି ମୂର୍ଖ କହିବେନି ବରଂ ସେହିମାନେ ଖୁସି ହେବେ ଆପଣଙ୍କର କିଛି ଜାଣିବାର ଅଛି ଆଉ ଆପଣ ସେସବୁକୁ ଜାଣିବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ଏମିତି ନିଜକୁ ମହାନ ପଣ୍ଡିତ ସଜେଇ ତମେ କାହିଁକି ନିଜକୁ ମୂର୍ଖ ବୋଲି ପ୍ରମାଣିତ କରୁଛ । ଯେତେବେଳେ ଯିଏ ଯେଉଁ ପୋଷ୍ଟ କରୁଛନ୍ତି ଯଦି ଆପଣ ଦେଖୁଛନ୍ତି ତେବେ ସେହି ପୋଷ୍ଟଟି କଣ ପାଇଁ କରାଯାଇଛି ଏବଂ ସେଥିରେ କଣ ଲେଖାଯାଇଛି ଆଗ ପଢିକି ବୁଝନ୍ତୁ ତାପରେ ନିଜର ମନ୍ତବ୍ୟ ଦିଅନ୍ତି । କେବଳ ଧାଡି ଦେଖି ମାଡିଗଲେ କଣ ହେବ ଆଗ ଧାଡିରେ ଚାଲିବା ଶିଖନ୍ତୁ ଆଉ ତାପରେ ମାଡି ଚାଲନ୍ତୁ । ଆଜିବି ଅନେକ ଲୋକ ଅଛନ୍ତି ଯେଉଁମାନେ କୁହନ୍ତି ମୁଁ କିଛି ଜାଣିନି ମୁଁ ତ ବାସ ଶିଖୁଛି । ମୋତେ ଆହୁରି କିଛି ଶିଖିବାର ଅଛି ହେଲେ ଏହି ମହାନ ପଣ୍ଡିତ ମାନେ ନିଜକୁ ମହାନ ଭାବି ବେଳେବେଳେ ଏମିତି କିଛି ନିଜର ମନ୍ତବ୍ୟ ଦିଅନ୍ତି ଆଉ ଅନ୍ୟମାନେ ଯେତେବେଳେ ପଚାରିବାକୁ ଲାଗନ୍ତି ତୁମେ ଏମିତି କାହିଁକି ନିଜର ମତ ଦେଲ ଏବଂ ସେ ଯାହା ଲେଖିଥିଲେ ତାର ପ୍ରକୃତ ଉତ୍ତର କଣ । ସେତେବେଳେ ସେହି ମହାନ ପଣ୍ଡିତ ମାନେ କୁହନ୍ତି ମୁଁ ସେହି ମତ ଦେଇନି । ମୋ ଆକାଉଣ୍ଟ ହ୍ୟାକ ହୋଇଛି । ତେବେ ଗୋଟେ କଥା କୁହନ୍ତୁ ଯଦି କେହିଜଣେ ଆପଣଙ୍କ ମତାମତରେ ହଁରେ ହଁ ମିଶାଏ ତେବେ ସେତେବେଳେ ଆପଣଙ୍କ ଆକାଉଣ୍ଟ ହ୍ୟାକ ହୁଏନି ଆଉ ଯେତେବେଳେ ଆପଣଙ୍କ ଭୁଲ ମନ୍ତବ୍ୟରେ ଆପଣଙ୍କୁ ଭୁଲ ବୋଲି ପ୍ରମାଣିତ କରିଦିଏ ସେତେବେଳେ ଆପଣଙ୍କ ଆକାଉଣ୍ଟ ହ୍ୟାକ ହୋଇଯାଏ । ଯଦି ଆପଣଙ୍କ ଆକାଉଣ୍ଟ ସତରେ ହ୍ୟାକ ହୋଇଥାଏ ଆପଣ କାହିଁକି ସାଇବର ଥାନାର ସହାୟକ ନିଅନ୍ତିନି ପୁଣି କେମିତି ଆପଣଙ୍କ ଆକାଉଣ୍ଟକୁ ଆପଣ ଫେରି ପାଆନ୍ତି ।

ଯଦି ସୋସିଆଲ ମିଡିଆରେ ଆପଣ ସଦାସର୍ବଦା ସକ୍ରିୟ ରହୁଛନ୍ତି ତେବେ ଭୁଲ ମନ୍ତବ୍ୟ ଦିଅନ୍ତୁନି କି ଏମିତି ଲୋକହସା ହୋଇ ନିଜ ଆକାଉଣ୍ଟ ନିଜେ ହ୍ୟାକ କରି ଅନ୍ୟ ମୁଣ୍ଡରେ ଅଠା ବଳନ୍ତୁନି ବରଂ ନିଜ ଭୁଲକୁ ସ୍ୱୀକାର କରନ୍ତୁ । ପ୍ରତ୍ୟେକ ଲୋକ ପ୍ରତ୍ୟେକ ଲୋକଙ୍କ ଠାରୁ କିଛି ନା କିଛି ଶିକ୍ଷା ପାଆନ୍ତି । କାରଣ ସମସ୍ତଙ୍କର ଜ୍ଞାନ ସମାନ ନଥାଏ । ଆଉ ଯିଏ ନିଜକୁ ଶ୍ରେଷ୍ଠ ଭାବି ଅନ୍ୟକୁ ଆକ୍ଷେପ କରି କହିବା ଆରମ୍ଭ କରିଦିଏ ସେ ହିଁ ଲୋକହସା ହୋଇଥାଏ । ତେବେ ନିଜକୁ ମଜବୁତ କରି ଗଢି ତୋଳନ୍ତୁ କିନ୍ତୁ ଏମିତି ଲୋକହସା ହେଲାଭଳି କୌଣସି କାର୍ଯ୍ୟ ନକରନ୍ତୁ । ଆଜିର ଦିନରେ ସମସ୍ତେ ଶିକ୍ଷିତ କିନ୍ତୁ ଯେଉଁମାନେ ଶିକ୍ଷିତ ମାନଙ୍କୁ ମୂର୍ଖ ସଜେଇବା ପାଇଁ ଅନେଇ ବସିଥାନ୍ତି ସେମାନେ ହିଁ ସର୍ବ ସମ୍ମୁଖରେ ମୂର୍ଖର ପରିଚୟ ପାଇଥାନ୍ତି । କାରଣ ଗୋଟେ ଶିକ୍ଷିତ ଲୋକ କେବେ ଅନ୍ୟକୁ ମୂର୍ଖ ସଜେଇବାପାଇଁ ଅନେଇ ବସେନି ହେଲେ ଏହିଭଳି କିଛି ଲୋକ ଯେପର୍ଯ୍ୟନ୍ତ ଆମ ସମାଜରେ ଅଛନ୍ତି ଅନ୍ୟକୁ ସହି ନପାରି ନିଜକୁ ମୂର୍ଖ ବୋଲି ବାରମ୍ବାର ପ୍ରମାଣିତ କରିଥାନ୍ତି ।

ତେଣୁ ବାରମ୍ବାର ସୋସିଆଲ ମିଡିଆରେ ନିଜକୁ ସାଧୁର ପରିଚୟ ଦିଅନ୍ତୁନି ଯଦି ଆପଣଙ୍କର ଆକାଉଣ୍ଟ ସତରେ ହ୍ୟାକ ହେଉଛି ତେବେ ଆପଣ ସାଇବର ଥାନାରେ ଅଭିଯୋଗ କରନ୍ତୁ । କିନ୍ତୁ ଲୋକହସା ହୋଇସାରିବା ପରେ ନିଜ ଭୁଲକୁ ଲୁଚେଇବାକୁ ଯାଇ ଏମିତି ମିଛ ଅଭିଯୋଗ କେବେବି କରନ୍ତୁନି । କାରଣ ଲୋକଙ୍କୁ ଜଣା ଆପଣଙ୍କ ମତାମତକୁ ଯେତେବେଳେ ଲୋକେ ସମର୍ଥନ କରିବେ ସେତେବେଳେ ଆପଣଙ୍କ ଆକାଉଣ୍ଟ ସୁରକ୍ଷିତ ଆଉ ଯେତେବେଳେ ଆପଣଙ୍କ ମତାମତକୁ ବିରୋଧ କରି ଆପଣଙ୍କୁ ଜଣେଇବେ ସେତେବେଳେ ଆପଣଙ୍କ ଆକାଉଣ୍ଟ ହ୍ୟାକ ।


ଯୁବ ସାମ୍ବାଦିକା

ଦିପ୍ତିମୟୀ ନାୟକ

ଅନ୍ଧାରୁଆ, ଭୁବନେଶ୍ୱର

ମୋ: ୯୦୯୦୬୬୧୫୮୬





## କାବ୍ୟ କଳିକା

### ବେଣୁଧର ସୂତାର

ହୃଦ ଅନୁବନ୍ଧ କବିତାର ଛନ୍ଦ
ନିର୍ଲିପ୍ତ ଭାବନା ତୋଳି
ମୁଗ୍ଧ କରେ ଏଇ ହୃଦୟ ବାଟିକା
ପୁଷ୍ପ ସୁରଭି ବୋଳି ।

ଭାବ ମହଲର ମାଧୁର୍ଯ୍ୟ ଶବ୍ଦର
ମିଠା ମିଠା ପ୍ରୀତି ଛୁଆଁ
ବିମୁଗ୍ଧ ସ୍ୱପ୍ନର ସାତ୍ତ୍ୱିକ ପ୍ରଜ୍ଞାର
ବୋଳଇ ଚନ୍ଦନ ଚୁଆ ।

ତୃପ୍ତ କରେ କବି ସୁପ୍ତ ଚେତନା
ମୁକ୍ତ ଭାବନା ରାଜି
ଭାବକଳ୍ପର ଏ ମଧୁର ପ୍ଳାବନେ
ରସମୟ ଶବ୍ଦେ ଭିଜି ।

ଶବ୍ଦ ମଧୁ ଝରେ ହୃଦ ଉପବନେ
ଭଷା ପ୍ରୀତି ସୁଧା ସୁରେ
ଚାରୁ ରୂପ ଚିତ୍ର ଆଙ୍କଇ ମଧୁରେ
ଲେଖନୀର ସୂକ୍ଷ୍ମ ଝରେ ।

ଶବ୍ଦ ମହକର ଭାବ ଫଲ୍ଗୁ ଧାରେ
କଳ୍ପନାର କୁଞ୍ଜବନେ
ଭାଷା ମାଧୁର୍ଯ୍ୟର ସ୍ନିଗ୍ଧ ଅନୁରାଗ
ଭାବ ସୁଧା ଆହ୍ଲାଦନେ ।

ଶବ୍ଦର ଅମୃତେ ଭାବ ସମାଶ୍ରିତେ
ଭାଷାର ମହକ ଧାରେ
ଫୁଟି ଉଠେ ମୁଗ୍ଧ କାବ୍ୟ କଳିକା
କବିତାର ସୁରେ ସୁରେ ।



ଭାଷା ସଂପ୍ରତିର ସ୍ୱପ୍ନିଳ ମାୟାରେ
ବିମୋହିତ କବି ଯହିଁ
କୂଳ ଲଙ୍ଘି ଯାଏ ପ୍ରଲୁବ୍ଧ ମାନସ
ସାତ ସିନ୍ଧୁ ତେର ନଈ ।

କବିତା କାମିନୀ ମତ୍ତ ଉଲ୍ଲସିନୀ
କବିତା କବିର ପ୍ରାଣ
ପାଠକ ଅନ୍ତରେ ଭରିଦିଏ ପ୍ରେମେ
ଶିଞ୍ଜିରିତ ଶିହରଣ ।

ଭାବ ଭୂଗୋଳରେ ଲହରିତ ସୁରେ
ରଚେ ଚିତ୍ର ପୁରୀ ମାୟା
ଅମୃତମୟ ଯା ମୂର୍ଚ୍ଛନା ମଧୁର
ନୈସର୍ଗିକ କଳ୍ପ କାୟା ।


କେଶଦୁରାପାଳ କେନ୍ଦୁଝର

ମୋ: ୯୧୭୮୫୬୮୨୪୬


## ଭିନ୍ନ ପରିଚୟ

### ଜିତୁ ପ୍ରଧାନ



ଆଜିର ଅନ୍ଧାର ଏମିତି ଲାଗୁଛି
କାଲିର ସକଳଠାରୁ ବି ସେ
ଆହୁରି ଉଜ୍ଜ୍ୱଳ
ଝରାଫୁଲ ଫୁଲମାଳ ମଉଳି ଗଲେବି
ତା ହସର ଓଠରେ
ଜଳି ଉଠେ ତା ଆଖି କଜଳ ।

ଥରଟିଏ ବି ପଚାରିଲାନି ସେ
କେମିତି ଅଛି ତାକୁ ଭୁଲିଯାଇ
ନଈକୁ ଆକାଶକୁ ରଙ୍ଗଣି ଫୁଲକୁ
ବଉଳ ପେନ୍ଥାକୁ, ମହୁଲକୁ
ପ୍ରେମକରି ଭଲପାଇ ।

ଏବେ ଭଲପାଆ' ବୋଲି କହିଲେ
ତା ଆଖିରୁ ଝରିଆସେ ଲୁହ
ମନତଳୁ ଫୁଟିବାସେ କୋହ
ବାସୁଥାଏ ବାସ୍ନାରେ ତା ଦେହ
ତାକୁ ବୁଝିବାକୁ ହେଲେ
ନିଜକୁ ହଜେଇବାକୁ ହୁଏ
ହଜେଇ ଦେଇ
ଯେତେସବୁ ବନ୍ଧନ ଓ ମୋହ ।

ମୁଁ ଜାଣିଛି ସେ ଆଉ ଆସିବନି ଫେରି
ଫେରିବନି କେବେ ତା'ର ପୂର୍ବ
ଇତିହାସ
ହଜିଗଲା ପରେ ତାକୁ ନପାଇବି
ମୋ ଦେହରେ ବାକିଥିବ
ପାଇବାର ଏକ ଦୀର୍ଘ ଅବସୋସ ।

ସେ ପଚାରିବ ମୁଁ କିଏ ?
ଲମ୍ପଟତା, ଛଳନା ଓ ଦାଦାଗିରିର
ନାୟକ ମୁଁ ନୁହେଁ
ମୁଁ ନିଷ୍ଠୁର, ନିର୍ମମ, ନିନ୍ଦନୀୟ
ନିନ୍ଦିତ ପୁଅ
ଏବେ ଶୁଣ ମୋର ପରିଚୟ ।

ଯେତକ ଅଫୁଟା ଫୁଲ ଯେତେକ
ଅଭିଶପ୍ତ ଜୀବନ, ଯେତେ ସବୁ
ପର୍ଣ୍ଣମୋଚି ଅରଣ୍ୟ
ଆଉ ଯେତେକ ଅଗ୍ନି ଦଗ୍ଧ ବନ
ସବୁ ମୋ ଭିତରେ ଲିପ୍ତ,
ଅଥଚ ମୁଁ ସୁପ୍ତ ।


ଓଡ଼ିଆ ବିଭାଗ

ଉତ୍କଳ ବିଶ୍ୱବିଦ୍ୟାଳୟ

ମୋ - ୭୬୮୧୦୪୪୮୬୪


## ପ୍ରିୟା

### ପବିତ୍ର ବେହେରା



ତୁମକୁ ଦେଖିଲା ପରେ
ଦୁଃଖ ସବୁ ନୀରବରେ
ଭାସି ଯାଆନ୍ତି
ନୀଳ ଆକାଶର
ଭାସମାନ ମେଘ ସାଜି ।

ସୁଖ ସବୁ ଋଷିକୁଲ୍ୟା
ତଟର ଶୀତଳ ପବନ ସାଜି
ମୋ ଓଠରେ ବୁଣିଦିଏ
ସୋରିଷ ଫୁଲ କ୍ଷେତର
ଅମାପ ସ୍ନେହଭରା ପ୍ରେମ ।

ତୁମକୁ ଦେଖିବା ପରେ
ମୋ ଅନାବନା ଭାବନା
ମୋତେ ବିଭୋର କରେ
ତୁମ ଆଖିର କଜ୍ଜ୍ୱଳରେ
ଏକ ଅସରନ୍ତି ପ୍ରେମରେ
ସମ୍ପର୍କର ତାଜମହଲ ଗଢିବା ପାଇଁ।

ତୁମକୁ ଦେଖିବା ପରେ
ଉତ୍ତପ୍ତ ବେଙ୍ଗାଲୁର
ଇନ୍ଦ୍ରଧନୁର ସପ୍ତରଙ୍ଗରେ
ରଙ୍ଗେଇ ହୋଇ
ତୁମରି ଗାରିମା ଗାଉଛି ।

ତୁମ କୁ ଦେଖିବା ପରେ
ଅବସାଦଗ୍ରସ୍ତ ଜୀବନରେ ମୋର
ବର୍ଷା ବସନ୍ତ ବୈଶାଖର
ଶୀତଳ ପବନ ସ୍ପର୍ଶ କରୁଛି।


ବାହାଲପୁର,ଗଞ୍ଜାମ

ମୋ: ୭୭୮୮୮୬୬୦୨

# ଲୋଭୀ

## ପ୍ରଫୁଲ୍ଲ ବାରିକ

ଲଲାଟେନ୍ଦୁକୁ ବାପା ବୋଉ ଶ୍ରଦ୍ଧାରେ ଡାକନ୍ତି ଲିଟୁନା ବୋଲି । ଷଷ୍ଠ ଶ୍ରେଣୀରେ ପଢେ ଲିଟୁନା । ଭଲପଢେ ବୋଲି ବାପା ବୋଉ ତାର କିଛିରେ ଅଭାବ ରଖନ୍ତିନି । ଛୁଟୀ ଦିନରେ ଲିଟୁନା ତାଙ୍କ ଘର ପଛପଟେ ଥିବା ବାରିରେ ବୁଲେ । ନାନାଜାତୀର ଗଛବୃଛ ଓ ସେଥିରେ ବସିଥିବା ପକ୍ଷୀମାନଙ୍କୁ ଦେଖି ବିମୋହିତ ହୁଏ । ବହୁତ ସମୟ ସେ ବିତାଏ ବାରିରେ । ବାରି ପୋଖରୀରେ ନାନାରଙ୍ଗର କଇଁ । ପବନରେ ଦୋଳି ଖେଳୁଥାଆନ୍ତି ପାଣି ଉପରେ । ଲିଟୁନା ହାଲିଆ ହେଇ ଆସି ହୁଡା ଉପରେ ବସି ଅନୁଭବେ ଦୃଶ୍ୟକୁ । ଦେଖେ, ଦଳଦଳ ମହୁରାଳି ମାଛ ସାଥିହେଇ ପହଁରୁଥିବାର। ଫକଫକ ଡେଉଁଥିବାର ଖରାମୁହାଁ । ତାକୁ ଖୁବ ଭଲଲାଗେ । ଗୋଡିଟିଏ ଉଠେଇ ମଜା ଦେଖିବାକୁ ଫିଙ୍ଗେ ତାଙ୍କ ଉପରକୁ । ନିମିଷେକେ ମାଛମାନେ ଉଭାନ ହେଇଯାଆନ୍ତି । ପୁଣି କିଛିସମୟ ଅନ୍ତେ ଯୋଉକଥାକୁ ସେଇ କଥା। ଦିନେ ଦେଖିଲା ଧଳାବଗଟିଏ ବସିଥିବାର ପୋଖରୀ ତୁଠରେ । ଲିଟୁନା ଛପିକି ଦେଖିଲା ତା କ୍ରିୟାକର୍ମକୁ । ମାଛଟିଏ ପାଖକୁ ଆସିଲେ ଟାକ କରି ତା ଲମ୍ବା ଥଣ୍ଟରେ ଉଠେଇ ଗିଳିଦଉଚି । ଇମିତି ବାର ବାର । ଲିଟୁନା ଭାବିଲା, ହୁଏତ ଖାଇଖାଇ ସାରିଦେବ ପୋଖରୀକ ମାଛ । ସେ ବଗ ଉପରେ ବିରକ୍ତ ହେଇ ଢେଲାଟିଏ ଫିଙ୍ଗିଲା । ବଗ ରାଉରାଉ ହେଇ ଉଡ଼ିଗଲା । ଲିଟୁନା ସଦର୍ପେ ଘରକୁ ଫେରି ବୋଉକୁ କହିଲା ଏକଥା । ଏକଥାବି କହିଲାଯେ ତା ପାଇଁ ବଂଚିଗଲା ପୋଖରୀକ ମାଛ । ଭାବିଥିଲା ସେ ପ୍ରଶଂସା ପାଇବ ବୋଉଠୁ । ପ୍ରଶଂସା କ'ଣ, ବୋଉ ହସିଲେ ତା କଥାରେ । କହିଲେ, ବଗ ଛୋଟଛୋଟ ମାଛ ଖାଏ । ଆମେ ଛାଡିଥିବା ରୋହି ଭାକୁରକୁ ସେ ଖାଇ ପାରିବନି ତା ଛୋଟଥଣ୍ଟରେ । ଏକଥାବି ଜାଣ, ପୋଖରୀ ଗାଡିଆ ନଦୀ ନାଳରୁ ଖାଇ ବଞ୍ଚନ୍ତି ସେମାନେ । ମାଛ ତାଙ୍କ ଆହାର। ତାଙ୍କ ଖାଦ୍ୟରୁ ଯଦି ଆମେ ବଂଚିତ କରିବା ତାଙ୍କୁ, ସେମାନେ ବଂଚିବେ କିପରି ? ପ୍ରକୃତିରେ ସବୁଜୀବ ବଞ୍ଚିରହିବା ଉଚିତ । ସମସ୍ତଙ୍କର ଅଧିକାର ଅଛି ବଞ୍ଚିବାର । ଆମେ ଏତେ ସ୍ୱାର୍ଥପର ହେବା ଅନୁଚିତ । ତା' ଛଡା, ସେ ଟିକି ଟିକି ମାଛଗୁଡା ଆମର କୋଉ କାମକୁଯେ ? ଲିଟୁନା ତା କର୍ମପାଇଁ ଲଜ୍ଜିତ ହେଲା । ପ୍ରକୃତରେ ସେ ସ୍ୱାର୍ଥପର ହେଇଯାଉଚି । ସେବେଠୁ କାହାରି ଖାଦ୍ୟରୁ କାହାକୁ ବଂଚିତ ନକରିବାକୁ ମନେମନେ ଶପଥ ନେଲା । ଏଣିକି ସିଏ ବେଶ ଖୁସିରେ ।



+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ଦୁଷ୍ଟ ବତକ

## ସନ୍ତୋଷ କୁମାର ଅଦାବର

ମାଆ ବତକର ପାଞ୍ଚଟି ଛୁଆ ଥିଲେ। ସେ ଭିତରୁ ଗୋଟିଏ ଛୁଆ ବହୁତ ଦୁଷ୍ଟାମୀ କରେ। କାହାରି କଥା ଶୁଣେ ନାହିଁ। ଅନ୍ୟ ଭାଇ ଭଉଣୀଙ୍କଠାରୁ ଖାଇବା ଛଡେଇ ଆଣିକି ନିଜେ ଖାଇ ଦିଏ। ବେଳେ ବେଳେ ତା' ମାଆ ଏବଂ ଭାଇ ଭଉଣୀଙ୍କ ଦଳକୁ ଛାଡିକି ଅନ୍ୟ ଆଡେ ପଳେଇ ଯାଏ। ମାଆ କହୁଥିବା କୌଣସି କଥାକୁ ଆଦୌ ଗୁରୁତ୍ୱର ସହ ଗ୍ରହଣ କରେ ନାହିଁ। ଦିନେ ସକାଳୁ ସେମାନେ ସଭିଏଁ ନିକଟସ୍ଥ ପୋଖରୀକୁ ଖାଦ୍ୟ ଅନ୍ୱେଷଣରେ ଯାଇଥା'ନ୍ତି । ମାଆ ବତକ ଖାଦ୍ୟ ଆଣି ତା'ର ପାଞ୍ଚଟି ଯାକ ଛୁଆକୁ ସମାନ ଭାବରେ ଖାଇବାକୁ ଦେଲା ଏବଂ କହିଲା-'ନିଜ ଭିତରେ ଝଗଡ଼ା ନ କରି ଖାଇ ଦିଅ।' ଏହା କହି ସେ ଅନ୍ୟ ଆହାର ଖୋଜିବାକୁ ଗଲା। ଦୁଷ୍ଟ ବତକ ଛୁଆଟି ନିଜ ଖାଦ୍ୟ ସହ ଆଉ ଜଣକର ଖାଦ୍ୟ ପାଟିରେ ଧରି ସେଠାରୁ ଦୌଡି ଯାଉଥିବା ସମୟରେ ଯାହାର ଖାଦ୍ୟ ସେ ଧରି ଯାଉଥିଲା, ସେ ବତକ ଛୁଆଟି ତା' ପଛେ ପଛେ ଗୋଡାଇଲା । ଏହିପରି ସେ ଦୁହେଁ ଦୌଡି ଦୌଡି ନିଜ ମାଆ ଏବଂ ଅନ୍ୟ ଭାଇ ଭଉଣୀଙ୍କ ଠାରୁ ଟିକିଏ ଦୂରକୁ ପଳେଇ ଗଲେ। ଦୌଡୁଥିବା ସମୟରେ ବାଟରେ ଦୁଷ୍ଟ ବତକ ଛୁଆ ପାଟିରୁ ଖାଦ୍ୟ ସବୁ ପଡିଯାଇଥାଏ। ଦୁହେଁ ହାଲିଆ ହୋଇ ଏକ ବୁଦା ମୂଳରେ ଛିଡାହେଲେ। କିଛି ସମୟ ପରେ ଅତ୍ୟଧିକ ହାଲିଆ ହେତୁ ତାଙ୍କୁ ଭୋକ ହେଲା। ଦୁହେଁ ଭୋକରେ ଆଉଟୁ ପାଉଟୁ ହେଲେ। ଦୁଷ୍ଟ ବତକ ଛୁଆର ଧୈର୍ଯ୍ୟ ନ ଥାଏ, କାରଣ ସେ ଯେମିତି ଦୁଷ୍ଟ ସେମିତି ଅସ୍ଥିର। ପୂର୍ବରୁ ନିଜେ ନିଜେ ଖାଦ୍ୟ ଖୋଜିବାର ଅଭ୍ୟାସ ନ ଥାଏ । କିନ୍ତୁ ଅନ୍ୟ ବତକ ଛୁଆଟି ଧୈର୍ଯ୍ୟର ସହିତ ଖାଦ୍ୟ ଖୋଜିଲା। କିଛି ସମୟ ପରେ ସେ କିଛି ଖାଦ୍ୟ ପାଇଗଲା। ସେଥିରୁ ଅଧା ସେ ନିଜେ ଖୁସିରେ ଖାଇଲା। ବାକି ଅଧା ଖାଦ୍ୟ ସେ ଦୁଷ୍ଟ ବତକ ଛୁଆକୁ ନେଇ ଦେଲା। ଖାଦ୍ୟ ପାଇ ଖୁସିରେ ଦୁଷ୍ଟ ବତକ ଛୁଆ ବି ଖାଇଲା ଏବଂ ତା' ଭାଇ ବତକ ଛୁଆକୁ ଧନ୍ୟବାଦ ଜଣାଇଲା। ପାଖରେ ଥିବା ଏକ ଛୋଟ ଗାତରୁ ସେ ଦୁହେଁ ପାଣି ପିଇ ଆରାମରେ ସେ ବୁଦା ମୂଳେ ଛିଡା ହୋଇଥା'ନ୍ତି। ଛୁଆ ଦୁହିଁଙ୍କୁ ଖୋଜି ଖୋଜି ମାଆ ବତକ ଏବଂ ଅନ୍ୟ ଛୁଆମାନେ ସେ ଦୁହିଁଙ୍କ ପାଖରେ ପହଞ୍ଚିଗଲେ। ଦୁଇ ହଜି ଯାଇଥିବା ଛୁଆଙ୍କୁ ପାଇ ମାଆ ବତକ ଭାରି ଖୁସି ହେଲା । ନିଜର ସଫଳତା ଅର୍ଥାତ୍ ଖାଦ୍ୟ ଖୋଜି କି ଭାଇକୁ ଦେଇପାରିଥିବାରୁ ଶାନ୍ତ ବତକ ଛୁଆଟି ଅତି ଖୁସି ହୋଇ ମାଆକୁ ସବୁ କଥା କହିଦେଲା। ଏ କଥା ଶୁଣି ଦୁଷ୍ଟ ବତକ ଛୁଆ କାନ୍ଦ କାନ୍ଦ ଦେଖାଗଲା। ଛୁଆର ମନ କଥା ବୁଝିବାରେ ମାଆକୁ ବେଶି ସମୟ ଲାଗିଲା ନାହିଁ। ପୁଅର ଦୁଷ୍ଟ ପ୍ରକୃତି ଆଉ ନାହିଁ ବୋଲି ମାଆ ବତକ ବୁଝିପାରିଲା । ଆଉ ଦୁଷ୍ଟ ହେବି ନାହିଁ ଆଉ ପରିବାର ସହ ମିଶିକି ରହିବି ବୋଲି ସେ କହିଲା । ଅସମୟରେ ନିଜର ଭାଇ କିପରି ତାକୁ ଖାଇବାକୁ ଦେଇ ସାହାଯ୍ୟ କଲା, ତାହା ଦୁଷ୍ଟ ବତକ ଛୁଆଟି ବୁଝିପାରିଲା । ସକରାତ୍ମକ ଢଙ୍ଗରେ ମୁରୁକି ହସି ମାଆ ବତକ ନିଜ ଦୁଷ୍ଟ ବତକ ଛୁଆକୁ କହିଲା-'କିଏ କହୁଛି ତୋତେ ଦୁଷ୍ଟ ବୋଲି। ତୁ ତ ମୋର ସୁନା ପୁଅ।' ଏହା ଶୁଣି ଦୁଷ୍ଟ ବତକ ଛୁଆ ଆହୁରି ଖୁସି ହୋଇଗଲା। ସମସ୍ତେ ଖୁସି ମନରେ ସପରିବାର ନିଜ ବାସସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ। ସେ ଦିନରୁ ଦୁଷ୍ଟ ବତକ ଛୁଆ ସୁନା ବତକ ଛୁଆରେ ପରିବର୍ତ୍ତନ ହୋଇଗଲା। ପ୍ରକୃତରେ, ଅସୁବିଧା ସମୟ ଆସିଗଲେ ସ୍ୱଭାବରେ ମଧ୍ୟ ପରିବର୍ତ୍ତନ ହେବା ସ୍ୱାଭାବିକ।



+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଶିଶୁ ସମର୍ପଣର ଉତ୍ସ

## ନବ କୁମାର ଦାସ

ଜୀବନର ପ୍ରାରମ୍ଭ ଶୈଶବର ପ୍ରାରମ୍ଭରୁ । ଯେଉଁଠି ଆଖି ଖୋଲେ ଶିଶୁ, ଦେଖେ ଏ ସୌନ୍ଦର୍ଯ୍ୟ ମୟ ପରିବେଶକୁ । ଜୀବନର ଚାରି ଅବସ୍ଥାରୁ ଶୈଶବ ଅବସ୍ଥା ହିଁ ବ୍ୟକ୍ତିତ୍ୱ ଗଠନରେ ସହାୟକ ହୁଏ । ଯାହା ପାଇଁ ଆଜିର ଶିଶୁ କାଲିର ଉତ୍ତମ ନାଗରିକ ହୁଏ । ତାର ଉତ୍ତମ ବ୍ୟକ୍ତିତ୍ୱ ନେଇ ସେ ପୂଜା ପାଏ ନଚେତ ନୀଚ ବ୍ୟକ୍ତିତ୍ୱର ପ୍ରଦର୍ଶନ ପାଇଁ ସେ ସର୍ବଦା ଅପମାନ ପାଏ, ନିନ୍ଦା ପାଏ । ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ହେବା ବଦଳରେ ଅସାମାଜିକ ବ୍ୟକ୍ତି ବା ଘୃଣ୍ୟ ବ୍ୟକ୍ତି ତାଲିକାରେ ନିଜ ନାମ ଲେଖେ । ସେଥିପାଇଁ କବିଙ୍କ ଭାଷାରେ :-

ଶିଶୁ ସୂର୍ଯ୍ୟ, ଚନ୍ଦ୍ର ସମ
ଝଲକେ ଝଲସେ
ତ୍ୟାଗ ସମର୍ପଣ ଭାବ ନେଇ
କୁସୁମ ପରିକା ପୁଣି
ମହକି ସେ ବାସେ
ମିଠା କଥା, ହସ ଝରାଇ ।



ଶିଶୁ ଯେ ସମର୍ପଣର ଉତ୍ତାଳ ତରଙ୍ଗ । ସେ ସୂର୍ଯ୍ୟ, ସେ ଚନ୍ଦ୍ର ସମ । ଯାହାର ଭାବନା, କଥା ବାର୍ତ୍ତା, ହସ, ଗପ, ଗୀତ ରେ ଥାଏ ଅମାପ ମଧୁରତା । ସେଥିପାଇଁ ଶିଶୁ କୁ ଭଗବାନ ସହିତ ତୁଳନା କରାଯାଏ । କାରଣ ସେ ବାସ୍ତବତାର ଅବତାର ।

ସେହି ଶିଶୁକୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ତଥା ସମାଜରେ ଶ୍ରେଷ୍ଠ ବ୍ୟକ୍ତି ହିସାବରେ ଗଢି ତୋଳିବା ପାଇଁ ହେଲେ ଶିକ୍ଷା ହିଁ ତାର ମାନ ଦଣ୍ଡ ହେବା ଉଚିତ । ସେଥିପାଇଁ ସମ୍ବିଧାନ ଧାରା ୨୧ ( କ )ରେ ''୬ ରୁ ୧୪ ବର୍ଷର ପ୍ରତେକ ଶିଶୁ କୁ ମାଗଣା ବାଧତାମୂଳକ ଶିକ୍ଷା ଯୋଗାଇ ଦେବାକୁ ନିୟମ ପ୍ରଣୟନ କରା ଯାଇଛି । ' ଶିଶୁ ପାଠ ପଢିବ ଦେଶ ଗଢ଼ିବ । ଜାଣିବ, ସଚେତନ ହେବ ଆଉ ଜଣାଇବ ସମଗ୍ର ଦୁନିଆକୁ । ସେଥିପାଇଁ ଶିଶୁକୁ ସବୁ କ୍ଷେତ୍ରରେ ପାରଙ୍ଗମ କରାଇବାକୁ ପଡିବ । ତାର ଅଧିକାର ତା ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବି। ତେଣୁ ଶିଶୁକୁ ତା ଅଧିକାର ସହ ଅବଗତ କରାଇବା ଉଚିତ । ସେମାଙ୍କର ଯେ ଅଧିକାର ଅଛି ଏକଥା ହୁଏ ତ ବହୁତ ଲୋକଙ୍କୁ ଅଜଣା । ଜଣେ ବୟସ୍କ ବ୍ୟକ୍ତି ପରି ଜଣେ ଶିଶୁ ଦେଶ ଓ ଜାତି ପାଇଁ ଖୁବ ଗୁରୁତ୍ୱ ପୂର୍ଣ୍ଣ । ଶିଶୁକୁ ଉପଯୁକ୍ତ ମାର୍ଯ୍ୟାଦା ଓ ସମ୍ମାନ ନ ଦେଲେ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଅସମ୍ଭବ । ସେମାନଙ୍କ ଅନ୍ତରର ଗୁଣାବଳୀର ବିକାଶ ଅସମ୍ଭବ । ଏ ପୃଥିବୀରେ ସମସ୍ତ ବ୍ୟକ୍ତି ତଥା ଶିଶୁ ଠାରେ ସୃଜନଶୀଳତା ଗୁଣ ଅଛି କିନ୍ତୁ ସମସ୍ତେ ସୃଜନ ଶୀଳ ନୁହନ୍ତି । ସେଥିପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଆବଶ୍ୟକ ଶିଶୁକୁ ତା ଅଧିକାରରୁ ବଞ୍ଚିତ କରିବା ଅନାବଶ୍ୟକ। କିନ୍ତୁ ଆମ ସମାଜରେ ଶିଶୁ ମାନଙ୍କୁ ଅତି ନ୍ୟୁନ ଦୃଷ୍ଟିରେ ଦେଖାଯାଏ ଓ ସେମାନଙ୍କ ଉପରେ ବୟସ୍କ ମାନଙ୍କ ମତାମତକୁ ଲଦି ଦିଆଯାଏ । ଶିଶୁ ମାନେ ବୟସ୍କ ହାତର ଖେଳଣା ଭଳି କାର୍ଯ୍ୟ କରନ୍ତି ।

ଶିଶୁମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବା ପାଇଁ ୧୯୮୯ ମସିହାରେ ମିଳିତ ଜାତିସଙ୍ଘ ଦ୍ୱାରା ଶିଶୁ ଅଧିକାର ଘୋଷଣା ନାମା ଜାରି କରା ଯାଇଛି । ଶିଶୁ ମୁକ୍ତ ଆକାଶର ପକ୍ଷୀ ଟିଏ ପରି ହେବା ଉଚିତ । ମୁକ୍ତ ଗଗନରେ ମୁକ୍ତ ମନରେ ସେ ଅନୁସନ୍ଧିତ୍ସୁ ହୋଇ ପ୍ରଶ୍ନଅଭିମୁଖୀ ହେବ । ତାର ଚିନ୍ତା ଶକ୍ତି କେନ୍ଦ୍ରପସାରୀ ହେବ । ସମାଜର ନୂତନତ୍ୱକୁ ଜାଣିବା ସହିତ ପ୍ରଥା, ପରମ୍ପରାଭିମୁଖି ହୋଇ ସଂସ୍କାର, ସଂସ୍କୃତିକୁ ଜାଣିବ । ବାପ ଅଜା ଅମଳର ମନୋବୃତ୍ତି କୁ ଆଦରି ପୋଥି, ପୁରାଣରେ ମନୋନିବେଶ କରିବ । ଅଧିକ ରୁ ଅଧିକ ଜାଣି ସେ ସମ୍ପର୍କର ମୂଳ ତତ୍ୱକୁ ବୁଝିବ । ଭାଇ ଭାଇ, ଭାଇ ବନ୍ଧୁ ସମ୍ପର୍କରେ ବଞ୍ଚିବା ଶିଖିବ । ମୁଁ, ତୁମେ ଓ ଆମେ ଭିତରେ ଯେଉଁ ଏକ ପ୍ରେମ ମୟ ଭାବନା ତାର ଉଦ୍ରେକ କରି ଦୟା, ଧର୍ମ, ଦାନ, କର୍ମ, ସାହାଯ୍ୟ, ସହାନୁଭୂତି ଇତ୍ୟାଦି ସମର୍ପଣ ଗୁଣରେ ନିଜକୁ ସାମିଲ କରିବ । ତେବେ ଦେଶର ପୂର୍ଣ୍ଣ ବିକାଶ ସମ୍ଭବ ହେବ।

+ଶିକ୍ଷକ
ସୁରଡ଼ିହା, ବାଲିଆପାଳ, ବାଲେଶ୍ୱର
(ମୋ) ୭୩୮୧୫୨୦୧୯୯

# ରାସ୍ତାର ନିୟମ

## ନୀଳମଣି ଚାନ୍ଦ

କଦଳୀକୁ ଖାଇ ଚୋପାଟିକୁ ତା'ର
ରାସ୍ତା ଉପରକୁ ଫିଙ୍ଗିବା ନାହିଁ
କାହା ପାଦ ପଡି କଚଡା ଖାଇବ
ଦୁର୍ଘଟଣା ଘଟି ପାରେ ତା ପାଇଁ।

ସାଙ୍ଗର ପୁରୁଣା ଦି' ଚକିଆ ଯାନ
ଇଞ୍ଜିନରୁ ଯାର ମୋବିଲି ପଡେ
ଖସଡ଼ା ହୁଅଇ ସଡକ ଉପର
ଖସେ ଯାନ ଯେବେ ଉପରେ ଚଢେ।

ସଡକ ନିୟମ ବାମ ପଟେ ଚାଲ
ଡାହାଣ ପଟରେ ଚାଲିବା ନାଇଁ
ଟ୍ରାଫିକରେ ନାଲିବତି ଜଳୁଥିଲେ
ସୂଚାଏ ଅଟକି ଯିବାର ପାଇଁ।

ଯେଉଁଠି ରହିଛି ଜ୍ରେବ୍ରା କ୍ରସିଂ
ଲଗାୟତ ଆଡ଼ି ସଡକଟିରେ
ତାକୁ ନ ଦେଖିକି ଗାଡି ଚଳେଇଲେ
ପଡ଼ିବାନିଶ୍ଚୟ ବିପଦଟିରେ।

ଗାଡିର ବେଗକୁ ଅଧିକ ବଢେଇ
ଗାଡି ଚଳେଇବା ନିୟମ ନୁହେଁ
ଠିକ୍ ଢ଼ଙ୍ଗେ ହେଲମେଟ୍, ସିଟ୍ ବେଲ୍ଟ
ବିପଦ ଏଡାନ୍ତି ଯେମିତି ଦୁହେଁ।

ସତର୍କ ରହିଲେ ସାବଧାନ ହେଲେ
ଦୁର୍ଘଟଣାକୁରେ ଏଡେଇ ହେବ
ରାସ୍ତାର ନିୟମ ଜାଣିବା ଜରୁରୀ
ହେଉ ହରି,ନରି ହେଉ ସେ ରେବ।

+ ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ଚାଲ ସାଙ୍ଗ ମନ୍ଦିର ଯିବା

## ସୁନୀଲ କୁମାର ପ୍ରଧାନ

ଚାଲ ସାଙ୍ଗ ମନ୍ଦିର ଯିବା
ମନ୍ଦିର ଯାଇ ଦୀପ ଜାଳିବା
ପ୍ରଭୁଙ୍କୁ ପ୍ରଣାମ ହେବା ।
ଚାଲ ସାଙ୍ଗ ମନ୍ଦିର ଯିବା
ମନ୍ଦିର ବଜାଇ ଦେବା
ଶରଣ ଯାଇ ପଶିବା ।
ଚାଲ ସାଙ୍ଗ ମନ୍ଦିର ଯିବା
ଦୁଃଖକୁ ହାରି ସୁଖ ମାଗିବା
ବିନୟ ପ୍ରାର୍ଥନା ହେବା ।
ଚାଲ ସାଙ୍ଗ ମନ୍ଦିର ଯିବା
ଦୁଃଖୀ ରଙ୍କୀଙ୍କ ସେବା କରିବା
ପ୍ରଭୁଙ୍କୁ ବର ମାଗିବା ।
ଚାଲ ସାଙ୍ଗ ମନ୍ଦିର ଯିବା
ସତ୍ୟ ବଚନ ସଦା କହିବା
ଏହି ସଂକଳ୍ପ ନେବା ।
ଚାଲ ସାଙ୍ଗ ମନ୍ଦିର ଯିବା
ବାପା ମା ଗୁରୁ କଥା ମାନିବା
ଜୀବନେ ଆଗେଇ ଯିବା ।
ଚାଲ ସାଙ୍ଗ ମନ୍ଦିର ଯିବା
ନ୍ୟାୟ ଧରମ କଥା ଶୁଣିବା
ଜୀବନେ ସୁଖ ପାଇବା ।

+ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

# ଆମେ କୁନି କୁନି ଫୁଲ...

## ରାମଚନ୍ଦ୍ର ବେହେରା

ଧରଣୀ ମାଆର ଫୁଲ ବଗିଚାରେ
ଆମେ କୁନି କୁନି ଫୁଲ
ଆମ ମିଠା କଥା କୋମଳ ସ୍ୱଭାବ
କିଏ ହେବ ତା'ର ତୁଲ।
କୁଟ କପଟତା ନଥାଏ ମନରେ
ହୃଦୟ ଆମ ବୃହତ
ନିରୀହ ଗୁଣକୁ ଆଦରନ୍ତି ଜନେ
ହେଲେ ମଧ ଆମେ ଛୋଟ।
ଆମରି ହସରେ ସତ ଲୁଚିଥାଏ
ସର୍ବେ କରନ୍ତି ଆଦର
ନିଜେ ଖୁସି ରହି ଖୁସି ବାଣ୍ଟୁ ଆମେ
ଆନନ୍ଦରେ ଭରପୁର।
ପିତା ମାତାଂକର କଥା ମାନୁ ଆମେ
ମିଳଇ ତାଂକ ଆଶିଷ
ଗୁରୁଂକ ବଚନ ହୃଦୟରେ ମାନି
ବିଦ୍ୟାକୁ କରୁ ଅଭ୍ୟାସ।
ପାଠ ବେଳେ ପାଠ ଖେଳ ବେଳେ ଖେଳ
ହୃଦେ ମାନି ଉପଦେଶ
ଗଛ ମୂଳେ ପାଣି ଦେଇଥାଉ ନିତି
ହସେ ଆମ ପରିବେଶ।
ସଅଳ ଉଠିକି ନିତ୍ୟ କର୍ମ ସାରି
ବିଦ୍ୟାଳୟ ଯାଉ ଆମେ
ପାଠପଢା ସହ ଶ୍ରେଣୀରେ ଶୃଂଖଳା
ରଖିଥାଉ ଆମେ ଧାନେ।
ଆସ ମିଳିମିଶି ଅନାଥ ପିଲାଂକୁ
ସ୍ନେହରେ କରିବା ଗେଲ
ଗଳାରେ ଲଗାଇ କହିବା ହରଷେ
ଆମେ କୁନି କୁନି ଫୁଲ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ବୋଉ...

## ବିଶ୍ୱଜିତ ପୁହାଣ

ବୋଉ ବୋଉ କହି କୋଳରେ ତୋହର
କେତେ ଯେ କରିଛି ଅଳି,
ଅଳି ଅଝଟ ଯେତେ ଯାହା ବି କରିଲେ
ଦେଇ ନାହୁଁ ଜମା ଗାଳି ।

ଏ ଜୀବନ ରାସ୍ତାରେ ଯେବେ ବି ଝୁଣ୍ଟିଛି
ନେଇଛୁ କୋଳରେ ଟୋଳି,
ଅନ୍ଧକାରରୁ ମୋତେ ଦୂରେଇ ରଖିଛୁ
ଦୀପ ଶୀଖାଟିଏ ଭଳି ।

ଦେହ ଯଦି ମୋ ଟିକେ ଅସୁସ୍ଥ ହୁଅଇ
ମନ ତୋର ମାନେ ନାହିଁ,
ସେନେହ,ମମତା ସବୁ ଅଜାଡ଼ି ଦେଉ
ତୁ ଭଲ ହୋଇ ଯିବୁ କହି ।

କ'ଣ ଏତିକିରେ ତୋ ମନ ଶାନ୍ତି ହୁଏ !
କେତେ ମାନସିକ କରୁ,
ଏ ଭଗବାନଙ୍କ କି ବିଚିତ୍ର ରଚନା
କେମିତି ଏତେ ଭଲ ହୋଇ ପାରୁ ? ।

ମନ ଜାଣି ମୋତେ ଖାଇବାକୁ ଦେଉ
ମିଠା ମିଠା କଥା କହି,
କେତେ କାହା ସାଥେ କରିଅଛୁ କଳି
କେବେଳ ମୋହରି ପାଇଁ ।

ଆଜି କାହିଁ ମୋର ଭାରି ମନେପଡେ
ବୋଉଲୋ ତୋହରି କଥା,
ଲାଗୁଛି ଯେମିତି ମୋ ପାଖେ ବସି ତୁ
ଆଉଁସି ଦେଉଛୁ ମଥା ।

+ ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
(ମୋ) ୮୦୧୮୪୩୫୩୬୪

# ପାଗେଲି ଆଈ କଥା

## ପ୍ରଭାସିନୀ ବରାଡ

ଅଜା ଗାଁ'ରେ ପଡିଶା ଘରେ
ଛେଳି ଗୁହାଳ ଦେଖି
ବୁଲୁ, ଟୁବୁଲୁ ମୁନି ଓ ସୁନି
ରହିଲେ ଯାଇ ଲାଖି ।
ପାଗେଲି ଆଈ ଆସିଲା ଧାଇଁ
କହିଲା କିଆଁ ଡେରି
ଝଅଟ ଆସ ପାଖରେ ବସ
ଖାଇବା ଖିରି ପୁରି ।
କହଲୋ ଆଈ ଏ ଛେଳି କାହିଁ
ଡାଳ ପତର ଖାଏ
କଅଣ ଆଉ କାମରେ ଆସେ
ଟିକିଏ ବୁଝାଇ ଦିଏ ।
ଶୁଣରେ ବୁଲୁ ଶୁଣ ଟୁବୁଲୁ
ଏ ପରା ତୃଣଭୋଜୀ
ଗୁହାଳେ ରହେ ଚରି ସେ ଯାଏ
ମେଁ ମେଁ ଡାକେ ନିତି ।
ତା' ମଳମୂତ୍ର ହୁଅଇ ସାର
ଚାଷୀ ପକାଏ କ୍ଷେତେ
କ୍ଷୀର, ଛେନା ଓ ଘିଅ, ଲହୁଣି
ଯୋଗାଏ ପୁଣି ଯେତେ ।
ମଲା ପରେ ତା' ଚମଡା, ଶିଙ୍ଗ,
ଲୋମ କାମରେ ଆସେ
ହେଲେ ଅବୁଝା ମଣିଷ ଜାତି
ଅସୁର ସାଜି ନାଶେ ।
ଶୁଣିଲ ଏବେ ଜାଣିଲ କେତେ
ଛେଳିର ଭଲ ଗୁଣ
ତା' ସୁରକ୍ଷା କରିବ ତୁମେ
ଲଗାଇ ବୁଦ୍ଧି ଜ୍ଞାନ ।
ପାଗେଲି ଆଈ କଥା ରଖିବୁ
ଯାହା ତୁ କହିଗଲୁ
ଜୀବେ ଦୟା ଭାବ ରଖିବୁ ନିଷ୍ଠେ
ତୋ ଆଗେ ଶପଥ ନେଲୁ ।

+ ଶ୍ରୀ ବିହାର , ନୟାଗଡ
ମୋ: ୮୯୧୭୨୯୯୫୭୬

# ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ

ପୁରୀ, ୧୬/୨ (ନି.ପ୍ର): କର୍ମକ୍ଷେତ୍ରରେ ମହିଳା କର୍ମଚାରୀ ଯଦି ଅସଦାଚରଣର ଶୀକାର ହେଉଛନ୍ତି ତେବେ ତାହାକୁ ଯଥା ଶିଘ୍ର ପ୍ରତିରୋଧ କମିଟିକୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମହିଳା ମାନଙ୍କ ପ୍ରତି କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ମହିଳା ଓ ପୁରୁଷ ସମାଜର ଦୁଇ ଅଙ୍ଗ। ସେମାନଙ୍କ ପ୍ରତି ସମାନ ଭାବନା ଓ ଅଧିକାର ସମ୍ବିଧାନ ପ୍ରଦାନ କରିଛି। ତେଣୁ କର୍ମ କ୍ଷେତ୍ରରେ ମହିଳା କର୍ମଚାରୀ ନିର୍ଭୟ ହୋଇ କାମ କରିବା ଆବଶ୍ୟକ। ଯଦି କୌଣସି ଠାରେ ଏହାର ବ୍ୟତିକ୍ରମ ହେଉଛି ଓ ମହିଳା କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନଙ୍କ ପାଇଁ ଗଠିତ କମିଟି ଯେଉଁଥିରେ କି ମହିଳା ହିଁ ଅଧକ୍ଷ ରହିଥାନ୍ତି ସେଠାରେ ଅଭିଯୋଗ କରି ଉପଯୁକ୍ତ ନ୍ୟାୟ ପାଇବା ପାଇଁ ସେ ଅନୁରୋଧ କରିଥିଲେ। ଆଇନଜୀବୀ ମୋହନ ଜେନା, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇ ବିସ୍ତୃତ ଆଲୋଚନା ମାଧ୍ୟମରେ ମହିଳା କର୍ମଚାରୀ ମାନେ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ ଦେବା ସହ ଅନ୍ୟାୟ କ୍ଷେତ୍ରରେ ନୀରବ ନ ରହି ତାହାର ମୁକାବିଲା ପାଇଁ ରହିଥିବା ବ୍ୟବସ୍ଥାକୁ ଉପଯୋଗ କରିବାକୁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, କମିଟିର ସଦସ୍ୟ, ଏନଜିଓ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଶେଷରେ ପ୍ରୋଗ୍ରାମ ଅଧିକାରୀ ଶର୍ମିଷ୍ଠା ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରକୋଣ୍ଡାରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ସରିବ କେବେ ?

ମାଲକାନଗିରି, ୧୬/୨ (ନି.ପ୍ର): ଚିତ୍ରକୋଣ୍ଡାରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ ହୋଇ ୫ ବର୍ଷ ବିତି ଯାଇଥିଲେ ମଧ୍ୟ କାମ ସରୁନି । ପ୍ରକଳ୍ପ କାମ ଆରମ୍ଭ ହେବା ଦିନ ଠାରୁ ଆଜି ଯାଏଁ କେବଳ ଚାଲିଛି କାମ । ଆଉ କିଛି ଦିନ ପରେ ଗ୍ରୀଷ୍ମ ଋତୁ ଆସିବ ଲୋକେ କିଭଳି ପିଇବା ପାଣି ପାଇବେ ତାହାକୁ ନେଇ ଏବେ ଚିନ୍ତାରେ ଅଂଚଳବାସୀ । ସବୁ ଜାଣି ଶୁଣି ଚୁପ ବସିଛି ଆରଡ଼ବ୍ଲୁଏସଏସ୍ ବିଭାଗ । କେବେ ସରିବ ମେଗା ପାନୀୟ ଜଳ ପ୍ରକଳ୍ପ କାମ ୫ ବର୍ଷ ବିତି ଯାଇଥିଲେ ମଧ ସରୁନି କାମ । ଖରା ଦିନ ନହେଉଣୁ ପିଇବା ପାଣି ସମସ୍ୟାଦେଖା ଦେଲାଣି ।କାମ ଆରମ୍ଭ ହୋଇ ୫ ବର୍ଷ ବିତିଗଲାଣି । ହେଲେ ଚିତ୍ରକୋଣ୍ଡାରେ ସରୁନି ମେଗା ପାନୀୟ ଜଳ ପ୍ରକଳ୍ପ କାମ । ପାଣି ମୁନ୍ଦାଏ ପାଇଁ ଏବେଠାରୁ ଡହଳ ବିକଳ ହେଲେଣି ଲୋକେ । ଖରାନହେଉଣୁ ପାଣି ଯୋଗୁ ଅସୁବିଧା ଭୋଗିଲେଣି ଅଂଚଳବାସୀ । ଠିକା ସଂସ୍ଥା ବାରମ୍ୱାର କାମର ଅବଧୀ ବଢାଇ ଚାଲିଥିବା ବେଳେ ପ୍ରସାଶନ କିନ୍ତୁ ନୀରବଦ୍ରଷ୍ଟା ପାଲଟିଛି । ୨୦୧୮ ମସିହାରେ ଏହି ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ କରାଯାଇଥି ଲା । ୨କୋଟି ୨୬ ଲକ୍ଷ ଟଙ୍କାରେ କାମ ଆରମ୍ଭ ହୋଇ ଥିବା ବେଳେ ବର୍ତମାନ ଏହାର ଅଟକଳ ମୂଲ୍ୟ ୧କୋଟି ୧ ଲକ୍ଷ ଟଙ୍କାକୁ ବୃ ଦ୍ଧିହୋଇ ୩କୋଟି ୨୭ ଲକ୍ଷକୁ ପଂହଚିଲାଣି । ପମ୍ପ ହାଉସ ଏବେ କିଛି ଅସମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟି ଥିବାବେଳେ ପାଇପ୍ ବିଛାଇବା ନାଁରେ ରାସ୍ତା ଖୋଳି ନଷ୍ଟ କରି ଦେଇଛି ଠିକା ସଂସ୍ଥା । ବାରମ୍ୱାର ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ କୌଣସି ସମାଧାନ ହୋଇପାରିନି । କିଛି ଘରେ ପାଇପ ସଂଯାଗ ଠିକା ସଂସ୍ଥା ଦେଇଥିବା ବେଳେ ଆଉ କିଛି ଘରେ ଦେଇନାହିଁ । ବିଭିନ୍ନ ସ୍ଥାନରେ ପାଇପ ଭାଙ୍ଗି ରୁଜି ପଡିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢି ଚାଲିଛି ।ପ୍ରକଳ୍ପ କାମ ସରୁନଥିବ ବେଳେ ଅଂଚଳବାସୀ ବ୍ଲକ କାର୍ଯ୍ୟାଳୟଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁନି । ଏଥିପ୍ରତି ଖୁବଶୀଘ୍ର ଗୁରୁତ୍ୱ ଦିଆଯିବା ଜରୁରୀ ହୋଇପଡିଛି ।

# ଭଣ୍ଡାରି ସଂଘ ପକ୍ଷରୁ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ୧୬/୨ (ନି.ପ୍ର): ଜୟପୁର ଭଣ୍ଡାରି ସଂଘ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ଭଣ୍ଡାରି ସଂଘରେ ମୋଟ ୩ ଶହ ପରିବାର କେବଳ କୌଳିକ ବୃତି ବାଳକଟା, ଯଜ୍ଞାପବୀତ, ମୁଣ୍ଡନ ତଥା ମୃତ ବ୍ୟକ୍ତିଙ୍କ ଶୁଦ୍ଧକ୍ରୀୟାରେ କାଯ୍ୟକରି ଜୀବନ ଗୁଜୁରାଣ ଓ ପରିବାର ଚଳାଉଛୁ । ବର୍ତମାନ ପରିସ୍ଥିତିରେ ସହରର ବିଭିନ୍ନ ସ୍ଥାନରେ ଅଣ ଭଣ୍ଡାରୀ ମାନେ ଦୋକାନ ଖୋଲିବାକୁ ତତ୍ପର ଦେଖା ଦେବା ନେଇ ଭଣ୍ଡାରି ସମାଜରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଣୁ ପୌରାଚଂଳରେ ଏପରି କୌଣସି ଦୋକାନ ନ ଖୋଲିବା ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ସଂଘର ସଭାପତି ଜି. ଶଙ୍କର ରାଓ, ସମ୍ପାଦକ ଟି. ମହେଶ ପ୍ରମୁଖ ଦାବି କରିଛନ୍ତି । ଏହି ଦାବି ପତ୍ରର ନକଲ ଜୟପୁର ପୌର କାଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି ।

# ଚୋରାରେ ବାଲି ଚାଲାଣ ବେଳେ ଦୁଇ ଟ୍ରାକ୍ଟର ଜବତ

ଚମ୍ପୁଆ, ୧୬/୨ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ବାରିଆ ଥାନା ଅଂଚଳରୁ ଚୋରା ବାଲି ଚାଲାଣ ବେଳେ ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ବାରିଆ ପୋଲିସ ଜବତ କରିଛି। ଖବର ଅନୁସାରେ, ଚମ୍ପୁଆ ଉପଖଣ୍ଡ ବାରିଆ ଥାନା ଅନ୍ତର୍ଗତ ମରମେନ୍ଦା ନାଳ କମଣ୍ଡ ବାଲିଘାଟରୁ ବାରିଆ ଅଭିମୁଖେ ଯାଉଥିବା ସମୟରେ ଧରା ପଡିଛି ଚୋରା ବାଲି ବୋଝେଇ ଟ୍ରାକ୍ଟର। ବାରିଆ ପୋଲିସ ଚଢ଼ଉ କରି ଦୁଇଟି ଟ୍ରାକ୍ଟର ଜବତ କରିଛି। ଟ୍ରାକ୍ଟର ଦୁଇଟି ସ୍ଥାନୀୟ ବାରିଆ ଓ ଖମଣ୍ଡ ଅଂଚଳର ବୋଲି ଜଣାପଡିଛି। ପୋଲିସ ଗାଡି ଗୁଡ଼ିକ ଜବତ କରି ତହସିଲଦାରଙ୍କ ଜିମା ଦେଇଥିବା ବେଳେ ଗାଡ଼ି ଗୁଡ଼ିକରୁ ଜୋରିମାନା ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଛି।

# ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ରାଜ୍ୟସ୍ତରରେ ମାଲକାନଗିରି ଜିଲ୍ଲା ପୁରସ୍କୃତ

ମାଲକାନଗିରି, ୧୬/୨ (ନି.ପ୍ର): ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ଉତ୍କୃଷ୍ଟତା ପ୍ରଦର୍ଶନ କରି ଆସିଛି । ଉତ୍କୃଷ୍ଟ ସ୍ୱାସ୍ଥ୍ୟ ପ୍ରଦାନ ନିମନ୍ତେ ଆଜି ମାଲକାନଗିରି ଜିଲ୍ଲାକୁ ରାଜ୍ୟ ସ୍ତରରେ ପୁରସ୍କୃତ କରାଯାଇଛି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବର ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ସ୍ୱାସ୍ଥ୍ୟସେବା ଅନୁଷ୍ଠାନଙ୍କୁ ୫ଟି ଅଧୀନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର'' ପ୍ରଦାନ କରିଛନ୍ତି। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏସଡିଏଚ ଚିତ୍ରକୋଣ୍ଡାକୁ ୨୦୨୨-୨୩ ବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରଫୁଲ୍ଲ ନନ୍ଦ, ଡେପୁଟି ନର୍ସିଂ ସୁପେରିଟେଣ୍ଡେଂଟ, ରୁକ୍ମଣୀ ନାୟକ ଓ ହସପିଟାଲ ମ୍ୟାନେଜର, ଶଶାଙ୍କ ଶେଖର ପଣ୍ଡିତ୍ରା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଚିତ୍ରକୋଣ୍ଡା ଏସଡିଏଚ ପାଇଁ ସୁପେରିଟେଣ୍ଡେଂଟ, କ୍ଷୀରୋଦ ଚନ୍ଦ୍ର ମହନ୍ତ, ରାଜେନ୍ଦ୍ର କୁମାର ଦାସ ଓ ସନ୍ତୋଷୀ ସାହା ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ୨୦୨୦-୨୧ ବର୍ଷ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାଲକାନଗିରିକୁ ଏହା ପ୍ରଦାନ କରାଯାଇଥିବା ବେଳେ ପୂର୍ବତନ ମେଡିକାଲ ଅଧିକାରୀ ଡ଼ା ଶିବ ପ୍ରସାଦ ମହାରଣା, ବିଏଏମ, ଡିଏଚଏଚ, ମନୋଜ ନାୟକ ଓ ଆସିଷ୍ଟାଂଟ ମ୍ୟାନେଜର, କ୍ୱାଲିଟି ଆସୁରାନ୍ସ, ସଚିନ ଦେବ ଗୌଡ ପୁରସ୍କାରଟିକୁ ଗ୍ରହଣ କରିଛନ୍ତି। ୨୦୨୧-୨୨ ବର୍ଷ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ କୁଡୁମୁଲୁଗୁମ୍ମା ସିଏଚସିକୁ ଏହି ପୁରସ୍କାର ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ଡିଏମଓ ଏମଏସ ଡ଼ା ଅନିଲ କୁମାର ମିଶ୍ର, ପ୍ରଣବ କିଶୋର ପାଣିଗ୍ରାହୀ ଓ ଅଙ୍କିତ ଜୈନ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି କୁଡୁମୁଲୁଗୁମ୍ମା ସିଏଚସି ପାଇଁ ମେଡିକାଲ ଅଧିକାରୀ, ଡ଼ା ମହେଶ ପ୍ରସାଦ ପତି, ଡ଼ା ସନ୍ତୋଷ ଷଡ଼ଙ୍ଗୀ ଓ ସଞ୍ଜୟ କୁମାର ପୃଷ୍ଟି ପୁରସ୍କାର ଗ୍ରହଣ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆଇସିୟୁ ସ୍ପେସିଆଲିଷ୍ଟ ଡ଼ା କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ କୋଭିଡ ସମୟରେ ଉତ୍କୃଷ୍ଟ କାର୍ଯ୍ୟ ସମ୍ପାଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସଚିନ ପାୱାର ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ ଏହି ପୁରସ୍କାର ସମସ୍ତ ସ୍ୱାସ୍ଥ୍ୟସେବୀମାନଙ୍କୁ ନିଷ୍ଠାପର ଭାବରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରେରଣା ଯୋଗାଇବ।

# ସମ୍ବଲପୁରୀ ଗୀତ 'ନଦୀର ପାନି ଝଲ' ଗୀତର ରଚିୟତା ଲେଖକ କଳାକାର ଉଦୟନାଥ ଦର୍ଜି ଆରପାରିରେ

ବଲାଙ୍ଗିର, ୧୬/୨ (ନି.ପ୍ର): ବିଶିଷ୍ଟ ଲେଖକ ତଥା ସଙ୍ଗୀତଜ୍ଞ ଉଦୟନାଥ ଦର୍ଜିଙ୍କ ଆଜି ପ୍ରାତଃରେ ସ୍ୱର୍ଗବାସ ହୋଇଯାଇଛି। କିଛିଦିନ ହେଲା ସେ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପ୍ରାତଃ ୩ ଟା ବେଳେ ବଲାଙ୍ଗୀର ମେଡିକାଲରେ ତାଙ୍କର ଦେହାନ୍ତ ହୋଇଯାଇଛି। ଆରପାରିକୁ ଚାଲିଗଲେ ଦରଦୀ ବନ୍ଧୁ। ଅନ୍ୟ ମାନଙ୍କ ଦୁଃଖରେ ଦୁଃଖୀ ଥିବା ମଣିଷ ଶୋଇଗଲେ ଚିର ନିଦ୍ରାରେ। ଆଉ ଦେଖିବାକୁ ମିଳିବ ନାହିଁ ସେ ହସହସ ସତେଜ ମୁହଁ। ଆଉ ଶୁଣିବାକୁ ପାଇବେନି ପରିବାରରେ ବାବୁ ରାଜ କିଶୋର ଶବ୍ଦ। ସମସ୍ତଙ୍କୁ ଦୁଃଖ ଦେଇ ଚାଲିଗଲେ ଦରଦୀ ବନ୍ଧୁ। ତାଙ୍କ ମୃତ୍ୟୁରେ ମର୍ମାହତ ଶୋକାକୁଳ ପରିବାର। ମୃତ୍ୟୁ ସମୟରେ ତାଙ୍କ ପାଖରେ ପୁତ୍ର ରାଜ କିଶୋର ଦର୍ଜି, ପୁତ୍ରବଧୂ ମଞ୍ଜୁ ଦର୍ଜି, ଝିଅ ହରିପ୍ରିୟା ଦର୍ଜି, ନାତି ଦେବତୋଷ ଦର୍ଜି, ଅନ୍ୟ ନାତି ନାତୁଣୀ ବନ୍ଧୁ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ବିଭୂତି ପଡ଼ା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପନ କରାଯାଇଥିଲା। ପୁତ୍ର ରାଜ କିଶୋର ଦର୍ଜି ମୁଖଗ୍ନି ଦେଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ହେଉଥିଲା। ତାଙ୍କ ମୃତ୍ୟରେ ସଙ୍ଗୀତପ୍ରେମୀ ତଥା ଆଖପାଖ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ସେ କେବଳ ଜଣେ ଲେଖକ କିମ୍ବା ସଙ୍ଗୀତଜ୍ଞ ନ ଥିଲେ। ସେ ଥିଲେ ଜଣେ ଅନେକ ପ୍ରତିଭାର ମଣିଷ। ମଣିଷ ଭିତରେ ଜଣେ ମଣିଷ। ତୁଷୁରା ହେଉଛି ତାଙ୍କ ଜନ୍ମଭୂମି। ଅନେକ ବର୍ଷରୁ ସେ ବଲାଙ୍ଗୀରକୁ ପରିବାର ସହ ଆସି ତାଙ୍କର ଜୀବନ ଜୀବିକାରେ ପରିବାର ପ୍ରତିପୋଷଣ କରୁଥିଲେ। ବଲାଙ୍ଗୀର ଥିଲା ତାଙ୍କ ପାଇଁ କର୍ମଭୂମି। ସେ ହଳଧର ଦର୍ଜି ଏବଂ ସୁଶୀଳା ଦର୍ଜିଙ୍କ ଜ୍ୟେଷ୍ଠ ସନ୍ତାନ ଥିଲେ। ତୁଷୁରା ହେଉଛି ଏକ ସଂସ୍କୃତିସମ୍ପନ୍ନ ଗ୍ରାମ।ତୁଷୁରା ରାମଲୀଳା ସେତେବେଳ ପ୍ରସିଦ୍ଧି ଲାଭ କରିଥିଲା। ସେ ଏହି ରାମଲୀଳାରେ ରାମ ଭୂମିକା ସହ ଆହୁରି ଅନେକ ଭୂମିକାରେ ଅଭିନୟ କରିଥିଲେ। ସମ୍ବଲପୁରୀ ଭାଷାରେ ଲେଖିବା ତାଙ୍କର ସଉକ ଥିଲା। ସେ ସବୁ ଭାଷାଭାଷୀକୁ ମାନ୍ୟତା ଦେଉଥିଲେ। ଯେଉଁ ସମୟରେ ଲୋକେ ସମ୍ବଲପୁରୀ ଗୀତର ମାନ୍ୟତା ଜାଣି ନ ଥିଲେ ସେହି ସମୟରେ ସେ ଅନେକ ମନଛୁଆଁ ସମ୍ବଲପୁରୀ ସଙ୍ଗୀତ ଲେଖି ସାରା ଓଡ଼ିଶାରେ ସମ୍ବଲପୁରୀ ସଙ୍ଗୀତର ଚାହିଦାକୁ ଲୋକଲୋଚନକୁ ଆଣି ପାରିଥିଲେ। ତାଙ୍କ ସଙ୍ଗୀତରେ ସଙ୍ଗୀତପ୍ରେମୀ ମାନେ ଝୁମୁଥିଲେ। ତାଙ୍କର ସୁପରହିଟ୍ ସମ୍ବଲପୁରୀ ସଙ୍ଗୀତ 'ନଦୀର ପାନି ଝଲ ' ସଙ୍ଗୀତ ଜଗତରେ ଚହଳ ପକାଇ ଦେଇଥିଲା। ଆଜି ସେ ଆଉ ନାହାନ୍ତି। ରହି ଯାଇଛି ତାଙ୍କ ସଙ୍ଗୀତ। ଚାଲିଗଲେ ସେ ସବୁଦିନ ପାଇଁ ଆରପାରିକୁ। ଆଉ ଦେଖା ହେବନି ଏ ଜନମରେ। ନିରବି ଗଲା ତାଙ୍କ ଲେଖନୀ ମୁନ। ହେ ଶାଶ୍ୱତ ସାଧକ ତୁମର ମୃତ୍ୟୁରେ ପରିବାର, ଆତ୍ମୀୟ ସ୍ୱଜନ, ବନ୍ଧୁ ବର୍ଗ, ସଙ୍ଗୀତଜଗତ ତଥା ତୁମକୁ ଭଲ ପାଉଥିବା ତୁମର ସମାଜ ଆଜି ତୁମର ସ୍ୱର୍ଗାରୋହଣରେ ଦୁଃଖିତ ମର୍ମାହତ। ତୁମର ସ୍ଥାନ କେହି ପୂରଣ କରି ପାରିବେ ନାହିଁ। ଅପୂରଣୀୟ ହୋଇଗଲା ସବୁଦିନ ପାଇଁ। ତୁମେ ଯେଉଁଠି ବି ଥାଅ ସୁଖ ଏବଂ ଶାନ୍ତିରେ ରୁହ।ତୁମର ଅମର ଆତ୍ମାର ସଦଗତି ହେଉ। ଏହାହିଁ ଶୋକାକୁଳ ପରିବାରର କାମନା।

# ଘରପୋଡ଼ି ନେଇ ଥାନାରେ ଅଭିଯୋଗ ପରେ ନ୍ୟାୟ ନପାଇ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ଦମ୍ପତି

କୋରେଇ, ୧୬/୨ (ନି.ପ୍ର): ଘରପୋଡ଼ି ନେଇ ଅଭିଯୋଗ ଦାଖଲ କରିବାର ୨୫ ଦିନ ଅତିକ୍ରାନ୍ତ ହୋଇସାରିବା ପରେ ମଧ୍ୟ ପୁଲିସ ଚୁପ ହୋଇ ବସିଛି ମାତ୍ର ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଆଗ୍ରହ ପ୍ରକାଶ କରୁନାହିଁ। ଫଳରେ ଅଭିଯୋଗକାରୀ ଥାନାରୁ ନିରୁପାୟ ହୋଇ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ପ୍ରକାଶ ଯେ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅଧିନସ୍ଥ ହସନାବାଦ ଛକର ରବିନ୍ଦ୍ର ସାହୁଙ୍କ ପତ୍ନୀ ରେଖାଙ୍କ ଅଭିଯୋଗ ମୁତାବକ ତାଙ୍କର ଦେଢଶୁର ବଳରାମ ଓରଫ ବୁଲା ସାନଭାଇ ରବିନ୍ଦ୍ର ଓ ତାଙ୍କର ପତ୍ନୀ ରେଖାଙ୍କୁ ଚଂଚକତା କରି ପୈତୃକ ସମ୍ପତିକୁ ବେଦଖଲ କରିବା ପରେ ସେମାନେ ବଡ଼ଘୁମୁରୀ ମୌଜାର ପାହାଡ଼ ତଳେ ଅନାବାଦୀ ଜାଗାରେ ୨୫ ବର୍ଷ ହେଲା ଏକ ଚାଳଘର କରି ରହିବା ସହିତ ଭାଗ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ମାତ୍ର ରବିନ୍ଦ୍ରଙ୍କ ବଡ଼ଭାଇ ବୁଲା ପୈତୃକ ସମ୍ପତିକୁରୁ ରବିନ୍ଦ୍ରଙ୍କ ପରିବାରକୁ ହଟାଇବା ପରେ ମଧ୍ୟ ଆକ୍ରୋଶ ରଖି ବିଭିନ୍ନ ମିଥ୍ୟା ମାମଲାରେ ତାଙ୍କୁ ଛନ୍ଦି ହଇରାଣ ହରକତ କରାନ୍ତି। ଏପରିକି ରବିନ୍ଦ୍ର କରିଥିବା ଫସଲକୁ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି ତାଙ୍କ ବଡ଼ଭାଇ ବୁଲା ଏଥି ନିମନ୍ତେ ପ୍ରତିଦିନ ରାତିରେ ରବିନ୍ଦ୍ର ଓ ତାଙ୍କର ପତ୍ନୀ ରେଖା ନିଜର ୧୦ ବର୍ଷର ଝିଅକୁ ଧରି ପ୍ରତିଦିନ ରାତିରେ କରିଥିବା ଫସଲକୁ ସୁରକ୍ଷା ଦେବା ଲାଗି ଉଭୟ ପତିପତ୍ନୀ ଜଗି ରହିଥାନ୍ତି। ତେବେ ଗତ ୨୧ ତାରିଖ ଦିନ ସେମାନେ ବିଲରେ ଥିବା ସମୟରେ ରବିନ୍ଦ୍ରଙ୍କ ବଡ଼ଭାଇ ବୁଲା ନିଜର କିଛି ସହଯୋଗୀଙ୍କୁ ଧରି ରବିନ୍ଦ୍ର ଓ ତାଙ୍କର ପତ୍ନୀଙ୍କୁ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ। ମାତ୍ର ଉଭୟ ଦୌଡ଼ି ପଳାଇବାରୁ ଉକ୍ତ ଆକ୍ରମଣରୁ ବଂଚିଯାଇଥିଲେ। ତେବେ ଏକ୍ତ ଘଟଣା ପରେ ତାଙ୍କ ବଡ଼ଭାଇ ରବିନ୍ଦ୍ର ଅନାବାଦୀ ଜମିରେ କରିଥିବା ଚାଳଘରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଉଭୟ ଦମ୍ପତି ବଡ଼ଚଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ରେଖାଙ୍କ ଅଭିଯୋଗ ଉପରେ ଥାନାରେ ଏକ ମାମଲା ୫୨/୨୪ ରଜୁ କରିଥିଲେ ମଧ୍ୟ ପୁଲିସ ରବିନ୍ଦ୍ରଙ୍କ ବଡ଼ଭାଇ ଓ ତାଙ୍କର ସହଯୋଗୀ ଅକ୍ଷୟ ବେଜ, ଦିପୁନା ବେଜ, ସିପୁନା ବେଜ. କାମିନୀ ରାଉତ, ରାମଚନ୍ଦ୍ର ରାଉତ, ବଳରାମ ସାହୁ, ମୋହନୀ ସାହୁ, ଦୁର୍ଲଭ ବଳ,ଓ ଅଜୟ ରାଉତଙ୍କ ନାମରେ ମାମଲା ରୁଜୁ କରି ପୁଲିସ ଚୁପ ହୋଇ ବସିଛି। ଫଳରେ ରବିନ୍ଦ୍ର ଓ ତାଙ୍କ ପତ୍ନୀ ରେଖା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ପ୍ରଭୁକୃପା ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ ଓ ମାତୃ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୬/୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ାସ୍ଥିତ ପ୍ରଭୁକୃପା ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ, ମାତୃସମ୍ମିଳନୀ ଓ ପୁରସ୍କାର ବିତରଣ ସଭା ଗୁରୁବାର ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସନ୍ତୋଷ କୁମାର ବରାଳ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦର ଅଧକ୍ଷା ଗୀତାଞ୍ଜଳି ସେଠୀ ଓ ମୁଖ୍ୟବକ୍ତାଭାବେ କ୍ୱୀ ତଥା ସମାଜସେବୀକା ନବଜ୍ୟୋତି ରାୟ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ପାରମ୍ପରିକ ଶିକ୍ଷା ସହ ନୈତିକଶିକ୍ଷା ଯୋଡି ହେଲେ ହିଁ ମାନବସମ୍ବଳର ମୂଲ୍ୟବୋଧ ଭିତିକ ବିକାଶ ହୋଇପାରିବ ବୋଲି କହିଥିଲେ। ତେବେ ଏ ଦିଗରେ ମା'ମାନଙ୍କର ଉତରଦାୟୀତ୍ୱ ହିଁ ଅତି ଗୁରୁତ୍ୱପୂର୍ଣ ବୋଲି ଅତିଥିମାନେ ସୂଚାଇଥିଲେ। ପରିଚାଳନାସମିତିର ଉପଦେଷ୍ଟା ଇଂ ଅକ୍ଷୟ କୁମାର ପାଣି ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଦୀପକ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ।ସମ୍ମାନିତ ଅତିଥିଭାବେ ୮ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଂଜନ ରାଉତ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜକିଶୋର ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ନୃତ୍ୟସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭ୍ୟ ଗଣେଶ୍ୱର ସାହୁ, ଅକ୍ଷୟ ବାରିକ ଓ ଅଜୟ ସ୍ୱାଇଁ ଉପସ୍ଥିତ ଥିଲେ।ମାନସ ରଞ୍ଜନ ବାରିକ, ପ୍ରକାଶ ମିଶ୍ର, ସୁଖଲତା ସ୍ୱାଇଁ, ମାନସୀ ସ୍ୱାଇଁ, ନଳିନୀପ୍ରଭା ନାୟକ, ସୁଦେଷ୍ଣା ଜେନା, ରଂଜିତା ଦାସ, ଅହଲ୍ୟା ଦାସ, ମଧୁସ୍ମିତା ସାହୁ, ଅପର୍ଣ୍ଣା ରାଉତ, ପ୍ରକାଶ ପରିଡ଼ା, ପ୍ରଣତି ନାୟକ ପ୍ରମୁଖ ଗୁରୁଜୀ ଓ ଗୁରୁମା ପରିଚାଳନା କରିଥିଲେ।

# ବିଜୁ ଶିଶୁ ସୁରକ୍ଷା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ

ସୁବର୍ଣ୍ଣପୁର, ୧୬/୨ (ନି.ପ୍ର):ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା କାର୍ଯକାରୀ ହେଉଥିବା ବିଜୁ ଶିଶୁ ସୁରକ୍ଷା ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ୫ ଜଣ ଛାତ୍ର, ଛାତ୍ରୀ ମାନଙ୍କୁ ବୈଷୟିକ ଶିକ୍ଷା (ଆଇ ଟି ଆଇ) ନିମନ୍ତେ ପ୍ରତ୍ୟେକଙ୍କୁ ୭୦୦୦ ଟଙ୍କା ଲେଖାଏଁ ମୋଟ ୩୫୦୦୦ /-ଟଙ୍କାର ଚେକ୍ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନନ୍ୟା ଦାସ ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ କାୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ସମସ୍ତ ଶିଶୁ ମାନଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସମସ୍ତ ଛାତ୍ର ଛାତ୍ରୀ ହିଙ୍କୁଡ଼ି ସ୍ଥିତ ଆଇ ଟି ଆଇ କଲେଜର ଦ୍ୱିତୀୟ ବର୍ଷ ଅଧ୍ୟୟନରତ ଇଲେକ୍ଟ୍ରିକାଲ ଟ୍ରେଡର ଛାତ୍ର ଅଜିତ ଥାନପତି ଓ ବୃନ୍ଦାବନ ଭୋଇ, ସେହିପରି ଫିଟର ଟ୍ରେଡ୍ର ଛାତ୍ର କୁଶ କୁଦାଇ ଓ ଛାତ୍ରୀ ଆନନ୍ଦୀନି ଦେହୁରୀ ଓ ଆରସି ଟ୍ରେଡ଼ର ମିଳନ ଦେହୁରୀ । ସହାୟତା ରାଶି ପ୍ରଦାନ ଅବସରରେ ବିଭାଗୀୟ ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଶିଶୁ ସୁରକ୍ଷା ବିଭାଗର ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଳସେ, ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଗ୍ରାମ୍ୟ କୃଷି କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର, ୧୬/୨ (ନି.ପ୍ର): ଗ୍ରାମ୍ୟ କୃଷି କର୍ମଚାରୀ ସଂଘ କୋରାପୁଟ ଜିଲ୍ଲା ଶାଖା ତରଫରୁ ଆଜି ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଜୟପୁର ଠାରେ ଏହି ଧାରଣା ଦିଆଯାଇଛି। କ୍ୟାଡର ପୁନର୍ଗଠନ, ଗ୍ରେଡ ପେ ଆଦି ଦାବିକୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୃଷି ବିଭାଗର ମୂଳ ମେରୁଦଣ୍ଡ ଭାବରେ କାମ କରୁଥିବା ଓଡିଶା ଗ୍ରାମ୍ୟ କୃଷି କର୍ମଚାରୀ ମାନଙ୍କର ମୁଖ୍ୟ ଦାବି କ୍ୟାଡର ପୁନର୍ଗଠନ, ଗ୍ରେଡ ପେ ଆଦି ଅନ୍ୟାନ୍ୟ ଦାବୀର ବିଚାର କରାଗଲା ନାହିଁ । ୬ ଦଫା ଦାବି ନେଇ ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି, ଯଦ୍ୱାରା ଚାଷୀଙ୍କ ଉପରେ ସିଧା ପ୍ରଭାବ ପଡିଛି। ୬ଦଫା ଦାବି ହେଲା କେଡରରେ ପରିବର୍ତନ କରିବା, ଗ୍ରେଡ ପେ ୪୨୦୦ କୁ ବୃଦ୍ଧି କରିବା, ୬ ବର୍ଷ ଚୁକ୍ତିଭିତିକ ସମୟକୁ ମୂଳ ଚାକିରୀରେ ଗଣତି କରିବା, ସାଇକେଲ ଭତାକୁ ପେଟ୍ରୋଲ ଭତାରେ ପରିଣତ, ପଦବୀର ନାମ ପରିବର୍ତନ, ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ତିନି ବିଜ୍ଞାନ କରିବା ଆଦି ଦାବିରେ ଆନ୍ଦୋଳନ କରୁଛନ୍ତି ।

ଦୀର୍ଘ ଏକ ବର୍ଷ ଧରି ସଂଘ ପକ୍ଷରୁ ଶତାଧିକ ପତ୍ର ମାଧ୍ୟମରେ ଅନୁନୟ ବିନୟ କରାଯାଇ ଆସୁଥିଲେ ମଧ କର୍ତୃପକ୍ଷ ଏ ଦିଗରେ ସଂପୂର୍ଣ୍ଣ ଉଦାସୀନ ରହି ଆସୁଛନ୍ତି। ଏପରିକି ଆଲୋଚନା ମାଧ୍ୟମରେ ସଂଘ ପକ୍ଷରୁ ଆଗତ କ୍ୟାଡର ପୁନର୍ଗଠନ ପ୍ରସ୍ତାବ ସାମାନ୍ୟ ଆଲୋଚନା କରି ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଆଉ ମାତ୍ର ଅଳ୍ପ ଦିନ ବ୍ୟବଧାନରେ ସାଧାରଣ ନିର୍ବାଚନ ଓ ଏଥିପାଇଁ ଆଦର୍ଶ ଆଚରଣ ବିଧି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଜାରି ହେବ । ଦୀର୍ଘ ଏକ ବର୍ଷ ଧରି ଏ ଦିଗରେ ସାମାନ୍ୟ ପଦକ୍ଷେପ ଗ୍ରହଣ କରାନଯାଇ ସ୍ୱଳ୍ପ ଦରମାରେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରୁଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପ୍ରତି ବିଭାଗୀୟ ହେୟଜ୍ଞାନ ଅବହେଳା ତଥା ନିଷ୍ଠୁରତାକୁ କୃଷି କର୍ମଚାରୀ ମାନେ ଅଧିକ ଦିନ ବରଦାସ୍ତ କରିବାକୁ ଉଚିତ ମନେ କରୁ ନାହାନ୍ତି ।

# କେନ୍ଦ୍ରାପଡା ପୌରାଂଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୬/୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳର ୨୧ନଂ ୱାର୍ଡରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ୨୧ନଂ ୱାର୍ଡର କାଉନସିଲର ପ୍ରଭାଶିଷ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯, ୨୦, ୨୧ ନଂ ୱାର୍ଡରେ ବିଭିନ୍ନ ଯୋଜନା ସଂପର୍କରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ପୌର ଅଧକ୍ଷା ସରିତା ସାହୁ, ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ରମେଶ ଦାସ, ଚୌଧୁରୀ ସୁକୁମାର ଦାସ, ଅସୀମା ନାୟକ, ପ୍ରଦିପ୍ତ କୁମାର ଜେନା, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ଯୋଗ ଦେଇ ପୌରାଂଚଳର ଏହି ୱାର୍ଡ ଗୁଡିକରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିସହିତ ୨୧ନଂ ୱାର୍ଡର ବସ୍ତି ବାସିନ୍ଦା ମାନେ ଜାଗା ମିଶନ ଯୋଜନାରେ ପାଇଥିବା ଜମି ଓ ଅଦର୍ଶ କଲୋନୀ, ପାନୀୟ ଜଳ, ବର୍ଜ୍ୟଜଳ ପରିଚାଳନା, ସଂପୃକ୍ତ ଅଂଚଳରେ ବିଧବା ଭତା, ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ ପ୍ରଭୃତି ସଂପର୍କରେ ଆଲୋଚନା କରାଯାଇ ଥିଲା ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୧୬/୨ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦର ପ୍ରୋତ୍ସାହନ ଓ ଆର୍ଥିକ ଅନୁଦାନାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ୨୦୨୩-୨୪ ଉଦଘାଟିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ବାଣୀବିହାର ପରିସରରେ ମା' ତାଳପଦେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନକୁ ମଶାଲ ଆଣିଥିଲେ। ଏହାପରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆରମ୍ଭ ନେଇ ଘୋଷଣା କରିଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚାଲୁଥିବା ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ପ୍ରଶଂସନୀୟ ଉଦ୍ୟମ। ଏହା ଛାତ୍ରଛାତ୍ରୀମାନଙ୍କ ମନରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି କରିବାରେ ସହାୟକ ହେବ। ସେମାନଙ୍କୁ ବହୁ ପରିମାଣରେ ପ୍ରୋତ୍ସାହିତ କରିବ। ଲକ୍ଷ୍ୟ ସ୍ଥିର କରି କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳବି। ଜିତିବା ମନୋବୃତି ନେଇ ଉଦ୍ୟମ କଲେ ବିଜୟ ନିଶ୍ଚୟ ମିଳିବ। ଦକ୍ଷତାର ବିକାଶ ପାଇଁ ଖେଳିବା ନିହାତି ଜରୁରୀ। ନୂଆ ଶିକ୍ଷାନୀତିରେ କ୍ରୀଡ଼ାକୁ ମଧ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହିତ ବ୍ୟକ୍ତିତ୍ୱ କିଭଳି ବିକାଶ ହୋଇପାରିବ ସେଥିପାଇଁ ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟକଲେ ସମସ୍ତେ ଭବିଷ୍ୟତରେ ଉନ୍ନତି କରିବେ ବୋଲି ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଅଲମ୍ପିକ କ୍ରୀଡ଼ାବିତ ଅନୁରାଧା ବିଶ୍ୱାଳ କହିଥିଲେ ଯେ କ୍ରୀଡ଼ାରେ ହାରିବା ଓ ଜିତିବା ଏକ ଅଂଶ ହୋଇଥାଏ। ଜଣେ କିଏ ହାରିଲେ ଜଣେ କିଏ ଜିତିବ। ଯିଏ ହାରିଲା ଆହୁରି କିଭଳି ଭଲ କରିବ ସେଥିପାଇଁ ପ୍ରୟାସ ଜାରି ରଖିବ। କଠିନ ପରିଶ୍ରମ ଓ ଅଭ୍ୟାସ ଜାରି ରଖିଲେ ସଫଳତା ମିଳିପାରିବ ବୋଲି କହିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ଡ.କାହ୍ନୁଚରଣ ଧୀର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ.ବିଜୟ କୁମାର ସୁନ୍ଦରରାୟ ବିବରଣୀ ପାଠ କରିଥିଲେ ଏବଂ ଡ.କୀର୍ତିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସରେ ଜାଭଲିନ ଥ୍ରୋ ଏବଂ ସଟପୁଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଫେବୃଆରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଉଭୟ ବାଣୀବିହାର ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନ ଓ କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ।

# ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ଓ ଏଆଇଏସ୍ଏଫ୍ ପକ୍ଷରୁ ବାଲେଶ୍ୱରରେ ଧର୍ମଘଟ ଅନୁଷ୍ଠିତ

ବାଲେଶ୍ୱର, ୧୬/୨ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ସଂଯୁକ୍ତ ମୋର୍ଚ୍ଚା, ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଦେଶ ସମୂହ କର୍ମଚାରୀ ଫେଡେରେଶନମାନଙ୍କ ପକ୍ଷରୁ ମୋଦି ନେତୃତ୍ୱାଧୀନ ଫାସ୍ୱିାଦୀ ତାନାଶାହୀ ଶ୍ରମିକ, କୃଷକ ଓ ଜନ ସ୍ୱାର୍ଥ ବିରୋଧୀ ବିଜେପି - ଏନଡିଏ ସରକାର ବିରୋଧରେ ଆହୁତ ୧୬ଫ୍ରେୁଆରୀ ସ୍ୱର୍ଭାରତୀୟ ଧର୍ମଘଟରେ ବାଲେଶ୍ୱରରେ ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ଓ ଏଆଇଏସ୍ଏଫ୍ ପକ୍ଷରୁ ମିଳିତଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉରେ ଅନୁଷ୍ଠିତ ହୋଇଯାଇଛି। ଏହି ଧର୍ମଘଟରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଉଦବୋଧନ ଦେଇ ପଞ୍ଜାବରୁ ଦିଲ୍ଲୀ ଆସୁଥିବା କୃଷକଙ୍କୁ ବିଦେଶୀ ଶତୃ ଭଳି ଆଚରଣ କୁ ନିନ୍ଦା କରିବା ସହ ମାନ୍ୟବର ସୁପ୍ରିମ କୋର୍ଟ ଇଲେକ୍ଟୋରାଲ ୍ବଣ୍ଡ କୁ ବେଆଇନ ଘୋଷଣାକୁ ଅଭିନନ୍ଦନ ଜଣାଇଛନ୍ତି। ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ମୋଦି ସରକାରଙ୍କ ଭାରତ ବିକ୍ରୟ ଯୋଜନା ଓ ଜନ ସ୍ୱାର୍ଥ୍ବିରୋଧୀ ସବୁ ପଦକ୍ଷେପକୁ ନେଇ ଘରେ ଘରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେବା ସହ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ଼ ପ୍ରତ୍ୟାହାର, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା ଘୋଷଣା, ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା,ଗ୍ରାଚ୍ୟୁଇଟି, ପେନସନ ସମେତ ସାମାଜିକ ସୁରକ୍ଷା, ଇପିଏଫ୍ ସର୍ବନିମ୍ନ ପେନସନ ୯ହଜାର ଘୋଷଣା, ପୁରୁଣା ପେନସନ ସ୍କିମ୍ ପୁର୍ନ୍ବାହାଲ କରିବା, କୃଷକ ସମାଜକୁ କୃଷି ଉତ୍ପାଦନର ସହାୟକ ମୂଲ୍ୟ ପ୍ରଦାନ ପାଇଁ ଏମ୍ଏସପି କେନ୍ଦ୍ରୀୟ ଆଇନ ପ୍ରଣୟନ, ମନରେଗା ଶ୍ରମିକଙ୍କୁ ବାର୍ଷିକ ୨୫୦ଦିନର କାମ ଗ୍ୟାରେଣ୍ଟି ସହ ଦୈନିକ ମନରେଗା ମଜୁରୀ ଟ୭୫୦/- ଘୋଷଣା, ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରତ୍ୟାହାର, ଦରଦାମ ବୃଦ୍ଧି କମାଇବା ପାଇଁ ସର୍ବ୍ୱ ଜନନୀ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶ୍ରମିକ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଶ୍ରମ ବିଭାଗକୁ ସକ୍ରୀୟ କରିବା, ସାମ୍ପ୍ରଦାୟିକ ଉତ୍ତେଜନା ବନ୍ଦ ସମେତ ୨୧ଦଫା ଦାବି ନେଇ ଦେଶବ୍ୟାପୀ ଆନ୍ଦୋଳନର ଅୟମାରମ୍ଭ ହେଲା, ମୋଦୀ ସରକାର ପତନ ପରେ ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷାର ଏ ଆନ୍ଦୋଳନ ପ୍ରଶମିତ ହେବ ବୋଲି ସୂଚନା ଦେଇଥିଲେ। ଏଆଇଟିୟୁସି ରାଜ୍ୟ ପରିଷଦ ସଦସ୍ୟ ତଥା ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ଜିଲ୍ଲା ସଭାପତି ପ୍ରତିଭା ପାଲ, ଉପସଭାପତି ସୁଷମା ପାତ୍ର, ନୀଳମାଧବ ଜେନା, ନିର୍ବାଚନୀ ପ୍ରଧାନ, କମଳା ମଣି ନାୟକ, ନାରାୟଣୀ ବେହେରା,ବାସନ୍ତୀ ଦାସ, ସନ୍ଧ୍ୟାରାଣୀ ବେହେରା, ସାମ୍ବରିନ ଖାତୁନ୍, ଶାନ୍ତିଲତା ମାଝି, ରିଙ୍କି ହାଲଦାର, ଦିପ୍ତିରାଣୀ ଜେନା, ନୁରଜାହାନ୍ ବେଗମ୍, ସେଫାଳୀ ମହାନ୍ତି, ସୁଜାତା ପଣ୍ଡା, ଏଆଇୱାଇଏଫ୍ ର ରାଜ୍ୟ ଯୁଗ୍ମ ସମ୍ପାଦକ ତପନ କୁମାର ସିଟ, ଏଆଇଏସ୍ଏଫ୍ ର ଜିଲ୍ଲା ସମ୍ପାଦକ ସଞ୍ଜୟ ବେହେରା, ଆଦିତ୍ୟ ମାଝି, ମିତା ବେହେରା, ପ୍ରତିମା ବେହେରା, ତରୁଣ ବେହେରା ଓ ଅନ୍ୟମାନେ ଉଦବୋଧନ ଦେଇଥିଲେ। ପ୍ରତିଭା ପାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଠାରେ ଉପସ୍ଥାପନ କରିଥିଲେ।

# ଗ୍ରାମାଂଚଳ ବିକାଶର ସାରଥୀ ସାଜିବ ଲକ୍ଷ୍ମୀ ବସ୍ ସେବା

ଖୋର୍ଦ୍ଧା, ୧୬/୨ (ନି.ପ୍ର): ଗତିଶୀଳ ଓଡ଼ିଶା, ପ୍ରଗତିଶୀଳ ଓଡ଼ିଶା ପାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଲକ୍ଷ୍ମୀ ବସ ଯୋଜନା ଖୋର୍ଦ୍ଧା ଜିଲ୍ଲାରେ ଶୁକ୍ରବାର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ଼ରେ ଏହାକୁ ଉଦଘାଟନ କରିଛନ୍ତି । ଗ୍ରାମାଂଚଳର ବିକାଶ ସମୃଦ୍ଧିର ସାରଥୀ ସାଜିବ ଲକ୍ଷ୍ମୀ ବସ୍ ସେବା । ଯଦ୍ୱାରା ଗ୍ରାମାଂଚଳରେ ଗମନାଗମନ ସୁଗମ ହେବା ସହିତ ଲୋକେ ନିଜର କାର୍ଯ୍ୟସ୍ଥଳରେ ଠିକ୍ ସମୟରେ ପହଁଚିପାରିବେ। ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହ ଯୋଡ଼ି ହୋଇପାରୁଛନ୍ତି । ବିଶେଷ କରି ମହିଳାମାନେ ଏହି ସେବା ମାଧ୍ୟମରେ ବେଶ୍ ଉପକୃତ ହେଉଛନ୍ତି । ମାତ୍ର ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ ଯାତ୍ରା କରିପାରିବେ । ଖୋର୍ଦ୍ଧା ଜିଲ୍ଲାର ୧୦ବ୍ଲକ ରୁ ୬ଟି ବ୍ଲକ ରେ ମୋଟ ୨୨ଟି ବସ୍ ଚଳାଚଳ କରିବ ।




ପ୍ରଥମ ପର୍ଯ୍ୟାୟରେ ଆଜି ଠାରୁ ୧୨ଟି ରୁଟରେ ଲକ୍ଷ୍ମୀ ବସ ଚଳାଚଳ କରିବ । ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକ ସହିତ ଯୋଡିବ । ସାମାଜିକ ଓ ଆର୍ଥିକ ଜୀବନକୁ ମଜଭୁତ କରିବା ସହିତ ପିଲାଙ୍କୁ ସ୍କୁଲ କଲେଜ ଏବଂ ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷ କାର୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ଲକ୍ଷ୍ମୀ ଯୋଜନାରେ ପଂଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି । ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି । ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିବ । ପଂଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ । ଖୋର୍ଦ୍ଧା ଆବେହଳୀ ପଡିଆଠାରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଓ ଶସକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ ରାଉତ, ଜିଲ୍ଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଆମ ଓଡିଶା ନବୀନ ଓଡିଶା ର ଜିଲ୍ଲା ସଂଯୋଜକ ଶ୍ରୀମୟୀ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ପ୍ରାଥମିକ ପର୍ଯ୍ୟାୟରେ ଖୋର୍ଦ୍ଧା ବ୍ଲକ ନନ୍ଦପୁର ଅଭିମୁଖେ ୨ଟି ବସ ଯାଇଥିଲା । ଏଥିରେ ମିଶନଶକ୍ତି ମହିଳା ଓ ନେତା , ପ୍ରଶାସନିକ ଅଧିକାରୀ ବସି ଯାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଂଚଳିକ ପରିବହନ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ ।

## ଅଚଳ ଟ୍ରାଫିକ ଓ ଲାଇଟ ପୋଷ୍ଟ ଭଙ୍ଗାଗଲା

କୋରାଇ, ୧୬/୨ (ନି.ପ୍ର): ୧୬ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥର ମିଶ୍ରଣ ସ୍ଥଳୀ ପାଣିକୋଇଲି ହୋଇଥିବାରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ି ମଟର ଉକ୍ତ ରାସ୍ତା ଦେଇ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରକୁ ଯିବା ଆସିବା କରିଥାଏ। ମାତ୍ର ପାଣିକୋଇଲି ବଜାର ଉପରେ ଥିବା ଏକ ହାଇମାକ୍ସ ଲାଇଟଟି ଦୀର୍ଘ ବର୍ଷେ ହେବ ଅଚଳ ହୋଇ ପଡ଼ିବା ପରେ ରାଜପଥ ବିଭାଗର ଯନ୍ତ୍ରୀ ମାନେ ଆସି ଉକ୍ତ ଲାଇଟିକୁ ମରାମତି କରିବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ତାହା ମରାମତି ହୋଇନପାରିବା ଯୋଗୁଁ ତଳକୁ ଝୁଲାଇ ଚାଲିଯାଇଥିଲେ। ଫଳରେ ମାତ୍ର ଦୁଇଟି ଟୋଚନ ତାରରେ ଉକ୍ତ ଲାଇଟଟି ପ୍ରାୟ ତିନି ବର୍ଷରୁ ଉର୍ଦ୍ଧ୍ୱ ବିପଦ ସଙ୍କୁଳ ଭାବେ ଝୁଲି ରହିଥିଲା। ତାଛଡ଼ା ଦିନକୁ ଦିନ ଗାଡ଼ି ମଟରର ସଂଖ୍ୟା ବଢୁଥିବାରୁ ପ୍ରତିଦିନ ସଂଧ୍ୟାରେ ନାହିଁ ନଥିବା ଟ୍ରାଫିକ ଜାମ ହୋଇ ରହୁଥିଲା।

## ଶତପ୍ରତିଶତ ଭିନ୍ନକ୍ଷମ ବାପ ଛେଉଣ୍ଡ କନ୍ୟା 'ସ୍ୱାହଗି'ସାମାଜିକ ସୁରକ୍ଷାରୁ ବଂଚିତ



ଉଦଳା , ୧୬/୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଘୁଂଟିବଣି ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ୰ କଂକା ମାର୍ଣ୍ଡି ଓ ମାତା ଛିତା ମାର୍ଣ୍ଡିଙ୍କର ୨୦ ବର୍ଷ ବୟସର ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା କନ୍ୟା 'ସ୍ୱାହଗି' ଏ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବାରୁ ବଂଚିତ ଅଛନ୍ତି । ଘଟଣାରୁ ଜଣାଯାଏ 'ସ୍ୱାହଗି' ଜନ୍ମରୁ ମୁକ ଓ ବଧିର ଅଟନ୍ତି । ସ୍ୱାହଗି ଛୋଟ ଥିବା ସମୟରେ ପିତା କଂକା ମାର୍ଣ୍ଡିଙ୍କର ଦେହାନ୍ତ ହୋଇଯିବା ଫଳରେ ସେ ପିତାଙ୍କ ସ୍ନେହ ମମତାରୁ ପ୍ରଥମରୁ ବଂଚିତ ଅଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ଭତା ଟଙ୍କା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଗୁହାରି ଜଣାଇ କୌଣସି ସୁଫଳ ମିଳିନଥିବାର କଥା ମାତା ଛିତା ମାର୍ଣ୍ଡି ଜଣାଇଛନ୍ତି। କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ବିଜେପିର ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ

ଜଳେଶ୍ୱର , ୧୬/୨ (ନି.ପ୍ର): ଆଜି ଭାରତୀୟ ଜନତାପାଟି ଜଳେଶ୍ୱର ଶାଖା ପକ୍ଷରୁ ଯୁବନେତା ଦିବ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଶିଖରପୁର ପଂଚାରୟତର ମଥୁରାନାଥ ଗ୍ରାମରେ ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଛି । ମୋଦି ସରକାରଙ୍କ କାର୍ଯ୍ୟକ୍ରମର ଗ୍ୟାରେଣ୍ଟି ସଂପର୍କର ଜନସଚେତନତା ସୃଷ୍ଟି କରିବା ସହିତ ପ୍ରଚାରପତ୍ର ବଣ୍ଟାଯାଇଥିଲା । ମୋଦି ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମନୋଜ ସାସମଲ, ପ୍ରଣବ ପଣ୍ଡା, ସଂଜୀବ ରାଉତ, ଜିତେନ୍ଦ୍ର ଗିରି, ସରୋଜ ଗିରି, ରଂଜନ ସେନାପତି, ରଂଜନ ପ୍ରଧାନ, ସରୋଜ ଗିରି, ସୁମତୀ ଗିରି, ସତ୍ୟବାନ ଚାନ୍ଦ, ରବିନ୍ଦ୍ର ଦତ୍ତ, ଅମୂଲ୍ୟ ସେନାପତି ପ୍ରମୁଖ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ ।

# ପଡୁଆଁ, ଜଗନ୍ନାଥପୁର ଓ ଆର୍ଡୁଂ ପଞ୍ଚାୟତର ସଚେତନତା ଶିବିର

ବାସୁଦେବପୁର, ୧୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଡୁଆଁ ଗ୍ରାମ ପଞ୍ଚାୟତ ର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଓ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ । ଆମ ଓଡ଼ିଶା ଓ ନବୀନ ଓଡ଼ିଶା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠତ ହୋଇ ଯାଇଛି । ବିଭିନ୍ନ ପଞ୍ଚାୟତର ବିକାଶ ଘଟିଲେ ରାଜ୍ୟର ବିକାଶ ଘଟିବ ବୋଲି ବିଧାୟକ ଶ୍ରୀ ରାଉତରାୟ ପ୍ରକାଶ କରିଥିଲେ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ, ରେସନ୍ କାର୍ଡ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗର୍ଭବତୀ ମହିଳାମାନଙ୍କ ଯୋଜନା ଓ ଆର୍ଥିକ ସହାୟତା ରାଶି ଯୋଜନା, କଳାକାର ମାନଙ୍କ ବର୍ଦ୍ଧିତ ଭତ୍ତା ଯୋଜନା ବିଷୟ ରେ ଆଲୋଚନା କରାଯାଇଥିଲା । ଏହି ସଭାରେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଆର୍ଡୁଙ୍ଗ



ପଞ୍ଚାୟତର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଧାୟକ ପ୍ରତିନିଧି ଅସିତ୍ କୁମାର ଦାଶ, ବିଜେଡ଼ି ନେତା ଗୌତମ ସେଠି,ଶଶି କାନ୍ତ ରାଉତ, ଅଜିତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ରାଜ୍ୟ ସରକାରଙ୍କ ସଫଳ ଯୋଜନା ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ସେହିପରି ଜଗନ୍ନାଥପୁର ପଞ୍ଚାୟତର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜଗନ୍ନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଯଦୁନାଥ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ ହିତକର ଯୋଜନା ସମ୍ପର୍କ ରେ ଆଲୋଚନା କରିଥିଲେ । ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା କଳିଙ୍ଗ ବୀର ବିଜୁ ପଟ୍ଟନାୟକ,ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କ ଆଶୀର୍ବାଦ ରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଅଧିକ ବିକାଶ ହୋଇ ପାରିଛି ବୋଲି ପଞ୍ଚାୟତ ସଚେତନତା ଶିବିର ରେ ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା କୁ ଅତିଥି ବନ୍ଧୁ ଉନ୍ମୋଚନ କରିଥିଲେ । ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଏହି ସଭାରେ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସବୁ ଏସଏଚଜି ମହିଳାଙ୍କୁ ...

ଏହି ଅର୍ଥ ରାଶି ଏସଏଚଜି ଓ ମହାସଂଘର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା ହେବ ବୋଲି ଶ୍ରୀ ଜେନା କହିଛନ୍ତି । ନିର୍ବାଚନ ପୂର୍ବରୁ ୭୦ଲକ୍ଷ ମହିଳା ଭୋଟକୁ ନିଜ ସପକ୍ଷରେ ରଖିବା ପାଇଁ ବିଜେଡି ସରକାର ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା । ସେହିପରି 'ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା' ଏବଂ 'ନୂଆ ଓ-ଛାତ୍ରବୃତ୍ତି' ଯୋଜନାକୁ ମଧ ରାଜ୍ୟ କ୍ୟାବିନେଟ୍ ଆଜି ଅନୁମୋଦନ କରିଛନ୍ତି ।

## ପାରାଦୀପରେ ତିନିଟି ....

ନିବେଶ ସ୍ଥଳୀ ହୋଇ ପାରିଛି। ଏକ ବନ୍ଦର ନଗରୀ ଭାବେ ପାରାଦୀପର ସୁନାମ ମଧ ବୃଦ୍ଧି ପାଇଛି। ଖୁସିର କଥା ଆଜି ଏଠାରେ ଜେଏସଡବ୍ଲୁର ମେଗା ଇସ୍ପାତ କାରଖାନା ପାଇଁ ଭିତ୍ତି ଦିଆଗଲା। ଏଥି ସହିତ ଗ୍ରିନ ଆମୋନିଆ କାରଖାନା ଓ ଅତ୍ୟାଧୁନିକ ରସାୟନିକ କାରଖାନା ପାଇଁ ମଧ ଭିତ୍ତି ଦିଆଗଲା। ଏ ସବୁ ଶିଳ୍ପାନୁଷ୍ଠାନ ଓଡ଼ିଶା ପାଇଁ ପ୍ରାୟ ୯୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆଣିଛି। ତା ସହିତ ଏ ସବୁ ପ୍ରକଳ୍ପ ମାଧ୍ୟମରେ ୩୫ ହଜାର ନିଯୁକ୍ତି ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ଏ ସବୁ ପୁଞ୍ଜି ନିବେଶ କରୁଥିବା ଶିଳ୍ପପତିମାନଙ୍କୁ ଏଥିପାଇଁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ପାଇଁ ଜିନ୍ଦଲ ଗ୍ରୁପର ସହଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧନ୍ୟବାଦ ଦେଇ କହିଥିଲେ ଯେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପାଞ୍ଚଳରେ ପରିଣତ କରିବା ପାଇଁ ଆମର ଯାତ୍ରାରେ ଜିନ୍ଦଲ ଗ୍ରୁପର ମହତ୍ୱପୂର୍ଣ୍ଣ ସହଭାଗିତା ରହିଛି। ଏଥି ସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିକାଶ ଆଜି ଓଡ଼ିଶାର ପରିଚୟ ହୋଇଛି। ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି। ୫ଟି ଉପକ୍ରମରେ ଓଡ଼ିଶାର ବିକାଶ ଧାରା ଆହୁରି ଉଜ୍ଜ୍ୱଳ ହୋଇଛି। ସାଧାରଣ ଲୋକ, ଚାଷୀ, ମା'ମାନେ, ଯୁବକମାନେ ଆମ ବିକାଶର ପାର୍ଟନର ହୋଇଛନ୍ତି। ନୂଆ ଓଡ଼ିଶା ଗଠନ ପାଇଁ ଆମ କାର୍ଯ୍ୟକ୍ରମକୁ ଆଗକୁ ନେଉଛନ୍ତି। ପାରାଦୀପର ଶିଳ୍ପ ବିକାଶ ପାଇଁ ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଲୋକମାନଙ୍କ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଦେଇ ଏହି ଶିଳ୍ପାନୁଷ୍ଠାନ ଦ୍ୱାରା ଅଞ୍ଚଳର ସବୁ ପରିବାର ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଯୋଗ ଦେଇ ଏହି ସବୁ ପ୍ରକଳ୍ପ ସମଗ୍ର ଜଗତସିଂହପୁର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇ ଜିଲ୍ଲାକୁ ସମୃଦ୍ଧ କରିବ ଏବଂ ରାଜ୍ୟ ଯୁବଗୋଷ୍ଠୀ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ଆଣିବ ବୋଲି କହିବା ସହିତ ପାରାଦୀପ ତଥା ସମଗ୍ର ଓଡିଶାର ରୂପାନ୍ତର ପାଇଁ ସାରା ଭାରତ ବର୍ଷର ବିକାଶ ପୁରୁଷ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସବୁଦିନ ମନେ ରଖିବ ସମଗ୍ର ଦେଶ ବୋଲି ସେମାନେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜେଏସଡବ୍ଲୁର ମୁଖ୍ୟ ସଜ୍ଜନ ଜିନ୍ଦଲ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ବହୁ ବର୍ଷ ପୂର୍ବେ ରାଷ୍ଟ୍ର ନାୟକ ବିଜୁ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଯୋଜନା କରିଥିଲେ। ପ୍ରକୃତରେ ଏହା ଥିଲା ବିଜୁବାବୁଙ୍କ ସ୍ୱପ୍ନ। ଆଜି ତାଙ୍କ ସୁପୁତ୍ରଙ୍କ ଦ୍ୱାରା ଏହି ସ୍ୱପ୍ନ ସାକାର ହୋଇଥିବା ଦେଖି ସେ ଖୁସି ଅନୁଭବ କରୁଥିବେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଆଜି ପ୍ରକୃତ ବିକାଶ ଘଟିଛି ଏବଂ ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ଦ୍ରୁତ ହୋଇଛି ବୋଲି କହି ଜେଏସଡବ୍ଲୁ ପାଇଁ ଓଡ଼ିଶା ହେଉଛି ପ୍ରମୁଖ ନିବେଶ ସ୍ଥଳୀ। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଆମେ ସବୁଦିନ ସହଯୋଗ କରିବୁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଜିନ୍ଦଲ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ।ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫୁଲ୍ଲ ସାମଲଙ୍କ ...

ବରପଦା ଇଞ୍ଜିନିୟରିଂ କଲେଜରେ ପ୍ରାୟ ୨୦କୋଟି ଟଙ୍କାର ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ଗତକାଲି ଇଡି ଟିମ୍ ଭଦ୍ରକ ସହରର ୬ଟି ସ୍ଥାନରେ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ରେଡ୍ କରିଥିଲେ। ସେଥି ମଧ୍ୟରେ ଭୁବନେଶ୍ୱରର ପଳାସପଲ୍ଲୀରେ ଥିବା ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କ ଘରେ ବି ରେଡ ହୋଇଥିଲା। ପ୍ରୟାସକାନ୍ତି ସାମଲଙ୍କ ଘରୁ ଇଡି ଟିମ୍ ୧୦ ଲକ୍ଷ ଟଙ୍କା ସହ ଏକ ଫର୍ଚ୍ୟୁନର ଗାଡ଼ି ଜବତ କରିଛି। ଉକ୍ତ ଗାଡ଼ିଟି ପ୍ରୟାସକାନ୍ତି ଚଳାଉଥିବା ବେଳେ ତାହା ତ୍ରିଷ୍ଣା ସ୍କାଏ ସ୍କାପର ଲିମିଟେଡ ନାମକ ବିଲଡର ସଂସ୍ଥା ନାଁରେ ଥିବା ଜଣାଯାଇଛି। ବରପଦା ଇଞ୍ଜିନିୟରିଂ କଲେଜ ନାଁରେ କିଣାଯାଇଥିବା ଜମିକୁ ଏହି ସଂସ୍ଥାକୁ ଦିଆଯାଇଥିଲା। ପ୍ରୟାସକାନ୍ତି ସାମଲଙ୍କର ଏହି ସଂସ୍ଥା ସହ ବେଶ୍ ଘନିଷ୍ଠ ସମ୍ପର୍କ ଥିଲା। ଗତକାଲି ରେଡ ସମୟରେ ପ୍ରୟାସକାନ୍ତି ଉପସ୍ଥିତ ନ ଥିଲେ। ତେଣୁ ଆଜି ପୁଣି ଥରେ ଇଡି ସେଠାକୁ ଯାଇପାରେ ବୋଲି ଅନୁମାନ କରାଯାଉଛି। ବରପଦା ଇଞ୍ଜିନିୟରିଂ କଲେଜ ନାଁରେ ଏକ ସୋସାଇଟି ହୋଇଥିବା ବେଳେ ସେଥିରେ ହୋଇଥିବା ଦୁର୍ନୀତିରେ ପ୍ରୟାସକାନ୍ତି ସାମିଲ ଥିବା ଅଭିଯୋଗ ହୋଇଥିଲା। କଲେଜ କର୍ମଚାରୀମାନେ ଦରମା ପାଉ ନ ଥିବା ବେଳେ ଉକ୍ତ ଟଙ୍କାରେ ପ୍ରୟାସକାନ୍ତି ଦାମୀ ଗାଡ଼ି ଚଢୁଥିବା କର୍ମଚାରୀମାନେ ଅଭିଯୋଗ କରିଥିଲେ। ଏହାପରେ ଇଡି ଏହି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ତ୍ରିଷ୍ଣା ସ୍କାଏ ସ୍କ୍ରାପର ନାଁ ଉଠୁଥିବାରୁ ଇଡି ଟିମ୍ ଉକ୍ତ ବିଲଡର ସଂସ୍ଥାର ନିର୍ଦ୍ଦେଶକ ଦେବବ୍ରତ ଧୀରଙ୍କ ଘରେ ବି ଗତକାଲି ରେଡ କରିଥିଲା। ରେଡ ବେଳେ ସେଠାରୁ କିଛି ଜମି କିଣାବିକା କାଗଜପତ୍ର ଜବତ ହୋଇଛି। ଉକ୍ତ କାଗଜପତ୍ର ଅନୁଯାୟୀ ବରପଦା ଇଞ୍ଜିନିୟରିଂ କଲେଜ ନାଁରେ ଭୁବନେଶ୍ୱରର କଣ୍ଟାବାଡ ଅଞ୍ଚଳରେ ୩୨ ଏକର ଜାଗା କିଣା ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଉକ୍ତ ବିଲଡର ସଂସ୍ଥା ହାତକୁ ଟେକି ଦିଆଯାଇଛି। ତେବେ ଏହି ହସ୍ତାନ୍ତର ପ୍ରକ୍ରିୟା ଆଇନଗତ ଭାବେ ହୋଇଛି ନା ନାହିଁ ତାହାର ତଦନ୍ତ ଆରମ୍ଭ କରୁଛି ଇଡି । ଗତକାଲି ଇଡି ଟିମ୍ ଭଦ୍ରକ ସହରସ୍ଥିତ ପ୍ରଫୁଲ୍ଲ ସାମଲଙ୍କ ଘର ସମେତ ୬ଟି ସ୍ଥାନରେ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ରେଡ୍ କରିଥିଲେ। କେନ୍ଦ୍ରୀୟ ସୁରକ୍ଷା କର୍ମୀମାନେ ବିଜେଡି ବିଧାୟକ ଘର ଚାରିପଟେ ଜଗି ରହିଥିବା ବେଳେ କାହାକୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଉ ନ ଥିଲା। ଏହାସହ ବରପଦା ଇଞ୍ଜିନିୟରିଂ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ଅପର୍ତ୍ତିବିନ୍ଧାସ୍ଥିତ ଘରେ ମଧ ରେଡ୍ କରାଯାଇଥିଲା। ତେବେ ଆମ ମହକିଲଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ପ୍ରଫୁଲ୍ଲ ସାମଲ ବହୁବିଧ ରୋଗରେ ଆକ୍ରାନ୍ତ, ତାଙ୍କୁ ଚିକିତ୍ସା ଦରକାର।

## କୋଟିପତି ବୌଦ୍ଧ...

ରେଡ ବେଳେ ଭିଜିଲାନ୍ସ ଜାଣିବାକୁ ପାଇଥିଲା ଯେ ରାଜାଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ଆଇଟି ସିଟି ବେଙ୍ଗାଲୁରୁର ଦାମୀ ଆପାର୍ଟମେଣ୍ଟରେ ବସ୍ତଙ୍କର ଫ୍ଲାଟ ଓ ଘର ରହିଛି। ଭୁବନେଶ୍ୱରର ପ୍ରାୟ ଅଧିକାଂଶ ଦାମୀ ଆପାର୍ଟମେଣ୍ଟରେ ବସନ୍ତ ଏକାଧିକ ଫ୍ଲାଟ୍ କିଣିଛନ୍ତି କିମ୍ବା କିଣିବା ପାଇଁ ଆଡଭାନ୍ସ ଦେଇଛନ୍ତି। ବସନ୍ତଙ୍କର ପାହାଳ ଅଞ୍ଚଳରେ ଥିବା ଉତ୍କଳ ସିଗ୍ ନେଚରରେ ୩ ହଜାର ବର୍ଗଫୁଟରେ ନିର୍ମିତ କୋଟିଏ ଟଙ୍କାର ଫ୍ଲାଟ୍ ଥିବା ବେଳେ ଗୌତମନଗର ଅଞ୍ଚଳରେ ଥିବା ଉତ୍କଳ କନିକା ଗ୍ୟାଲେରିଆ ମଲରେ ୨ କୋଟି ଟଙ୍କା ମୂଲ୍ୟର ୨୫୦୦ ବର୍ଗଫୁଟ୍ ର ସପିଂ କମ୍ପ୍ଲେକ୍ସ, କଳ୍ପନା ସ୍ଥିତି ଉତ୍କଳ ରୟାଲ୍ ରେସିଡେନ୍ସିରେ କୋଟିଏ ଟଙ୍କା ମୂଲ୍ୟର ଫ୍ଲାଟ,ଶୈଳଶ୍ରୀବିହାରରେ ଥିବା ୱେଷ୍ଟ ଏଣ୍ଡ୍ ଆପାର୍ଟମେଣ୍ଟରେ ଗୋଟିଏ ୨ ଈଏଚକ ଫ୍ଲାଟ ରହିଛି । କଳ୍ପନା ଛକରେ ଥିବା ଉତ୍କଳ ରୟାଲ୍ ରେସିଡେନ୍ସିରେ ପ୍ରାୟ କୋଟିଏ ଟଙ୍କାର ଗୋଟିଏ ୩ ବିଏଚକେ ଫ୍ଲାଟ୍ ବି ତାଙ୍କର ରହିଛି। ସେହିପରି କଳାରାହଙ୍ଗ ଅଞ୍ଚଳରେ ଡ-୧ ଇଷ୍ଟେଟରେ ୫ ବିଏଚକେ ଫ୍ଲାଟ୍ ପାଇଁ ବସନ୍ତ ଅଗ୍ରୀମ ୧.୩୫କୋଟି ଟଙ୍କା ଜମା ଦେଇଥିଲେ। ବେଙ୍ଗାଲୁରୁରେ ମଧ ବସନ୍ତଙ୍କର ଫ୍ଲାଟ ରହିଛି। ସେ ଓଜୋନ୍ ଏଲିଗାଣ୍ଟରେ ଫ୍ଲାଟ ପାଇଁ ୮୮ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିବା ଜଣାପଡ଼ିଛି। ତାଙ୍କର ବିଭିନ୍ନ ବ୍ୟାଙ୍କରେ ୩କୋଟିରୁ ଅଧିକ ଟଙ୍କା ଜମାଥିବା ଭିଜିଲାନ୍ସ ହାତରେ ତଥ୍ୟ ଲାଗିଛି।

## ପ୍ରିୟଙ୍କା ଗାନ୍ଧି ଭଦ୍ରା ...

ସାଥ ପ୍ରିୟଙ୍କା ଦେବାର ଥିଲା। କିନ୍ତୁ ଅସୁସ୍ଥତା କାରଣରୁ ସେ ଭାଇ ରାହୁଲଙ୍କ ଯାତ୍ରାରେ ସାମିଲ ହୋଇପାରିବେ ନାହିଁ। ସୁସ୍ଥ ହେବା ମାତ୍ରେ ସେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହେବ ବୋଲି କହିଛନ୍ତି। ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଗୋଟିଏ ପୋଷ୍ଟ କରି ପ୍ରିୟଙ୍କା କହିଛନ୍ତି, "ମୁଁ ବେଶ ଉତ୍ସାହର ଉତ୍ତର ପ୍ରଦେଶରେ ଭାରତ ଯୋଡ଼ୋ ଯାତ୍ରା ପହଞ୍ଚିବାକୁ ଅପେକ୍ଷା କରିଥିଲି। ହେଲେ ଅସୁସ୍ଥତା କାରଣରୁ ମୋତେ ଆଜି ହିଁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଛି। ମୁଁ ଟିକିଏ ସୁସ୍ଥ ହେବା ମାତ୍ରେ ଯାତ୍ରାରେ ସାମିଲ ହେବି। ସେ ଯାଏ ଚାନ୍ଦୌଲି-ବାରାଣସୀ ପହଞ୍ଚିବାକୁ ଥିବା ସବୁ ଯାତ୍ରୀ, ପୂରା ଦମରେ ଯାତ୍ରା ପାଇଁ ପ୍ରସ୍ତୁତି କରୁଥିବା ଉତ୍ତର ପ୍ରଦେଶରେ ଥିବା ମୋର ସମସ୍ତ ସହଯୋଗୀ ଓ ପ୍ରିୟର ଭାଇଙ୍କୁ ଶୁଭକାମନା ଜଣାଉଛି।"

# ବିଜେଡିରେ ମିଶିଲେ ପୂର୍ବତନ କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି

ଭୁବନେଶ୍ୱର, ୧୬/୨ (ନି.ପ୍ର): ରାଜନଗରର ପୂର୍ବତନ କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଥିବା ଅଂଶୁମାନ ଦୁଇ ଦିନ ତଳେ ଦଳରୁ ଇସ୍ତଫା ଦେଇଥିଲେ। ଶଙ୍ଖ ଭବନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଜେଡି ବିଧାୟକ ଓ ନିଜ ସମର୍ଥକଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଏବଂ ଏହି ବିକାଶ ଧାରାକୁ ଦ୍ୱିଗୁଣିତ କରିବା ପାଇଁ ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି ଅଂଶୁମାନ। ସୂଚନାଯୋଗ୍ୟ ଯେ ୦୧୪ରେ ସେ ରାଜନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଅଂଶୁମାନ ମହାନ୍ତି ହେଉଛନ୍ତି ରାଜନଗରର ୭ ଥରର ବିଧାୟକ ତଥା ଦୁଇ ଥର ମନ୍ତ୍ରୀ ହୋଇଥିବା ସ୍ୱର୍ଗତଃ ନଳିନୀ ମହାନ୍ତିଙ୍କ ପୁଅ।

# ସେରଗଡରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ

ବାଲେଶ୍ୱର, ୧୬/୨ (ନି.ପ୍ର): ରେମୁଣା ବ୍ଲକର ସେରଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ, ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ସଭାରେ, ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ସଚେତନତା ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ କି, ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମାଜର ପ୍ରତେକଟି ସ୍ତରରେ ବହୁ ଜନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହିତ, ରାଜ୍ୟବାସୀଂକ ସେବାରେ ସମସ୍ତ ଯୋଜନାକୁ ଉପଯୋଗ ମଧ୍ୟ କରିଛନ୍ତି। ବିଗତ ପାଞ୍ଚ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କର ଏହି ସବୁଜନ କଲ୍ୟାଣ କାରୀ ଯୋଜନା ଦ୍ୱାରା ,ରାସ୍ତା ଘାଟ, ପାନୀୟ ଜଳ, ବାସଗୃହ ,ଗମନା ଗମନ ପାଇଁ ରାସ୍ତା ,କୃଷକ ମାନଙ୍କ ପାଇଁ କୃଷି କ୍ଷେତ୍ରରେ ବହୁ ବିଧ ଉନ୍ନତି ସାଧିତ ହୋଇଛି। ବିଶେଷ ଭାବରେ ମାଆ ଭଉଣୀ ମାନଙ୍କ ପାଇଁ ପ୍ରଣୀତ ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ, ମହିଳା ମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ମମତା ଯୋଜନାରେ ପିଲାର ଜନ୍ମ ପୂର୍ବରୁ ମିଳୁଥିବା ସହାୟତା ରାଶି ଦୁଇଗୁଣ କରାଯାଇଛି। ଗରିବ ଦିନମଜୁରିଆ କୃଷକ,ଭିନ୍ନକ୍ଷମ, ବୟସ୍କ ନାଗରିକ, ବିଧବା ମହିଳା, ଛାତ୍ରଛାତ୍ରୀ ଶିଳ୍ପୀ କାରିଗର, ଗୃହିଣୀ ନିଃସହାୟ ବ୍ୟକ୍ତିଂକ ପାଇଁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ମୁଖ୍ୟମନ୍ତ୍ରୀ ଉଦାର ହୃଦୟର ପରିଚୟ ଦେଇଛନ୍ତି। ଏକଦା ଅବହେଳିତ ଥିବା ସେରଗଡ ପଂଚାୟତ ଆଜି ବିକାଶର ଶୀର୍ଷରେ ପହଁଚିଛି।୫ ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ବାଉଁଶମୁହା ଗ୍ରାମର ଭାଗବତ ଗୋସାଇଁ ଉଚ୍ଚ ବିଦ୍ୟାଳୟ ର ରୂପାନ୍ତରୀକରଣ କାର୍ଯ୍ୟ ସରିଛି। ସେରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତରଣ କାର୍ଯ୍ୟ ଚାଲିଛି। ସେହି ପରି ୧୬ ନଂ ଜାତୀୟ ରାଜପଥର ବରପଦା ଛକ ଠାରୁ ବରୁଣ ସିଂ ପଞ୍ଚାୟତର ଟିଣା ମଣ୍ଡଗାଁ ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନୁରୂପ ଭାବେ ୧୬ ନଂ ଜାତୀୟ ରାଜପଥର ପଞ୍ଚାଗଡ ଛକ ଠାରୁ ନୂଆଗାଁ ପଞ୍ଚାୟତର ଦିଖାପଦା ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନୂତନ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ତେଣୁ ମୁଖ୍ୟମନ୍ତ୍ରୀ ଙ୍କ ବହୁ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କୁ ତୃଣମୂଳ ସ୍ତରରେ ଏହାର ସୁଫଳ ପାଇବା ପାଇଁ ,ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଆୟୋଜିତ ସଭାରେ ଶେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ, ବରିଷ୍ଠ ଆଇନଜୀବୀ ମହେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । , ସମିତି ସଭ୍ୟା ରଞ୍ଜିତା ନାୟକ, ଜିଲ୍ଲା ପରିଷଦ ସଭ୍ୟା କଲ୍ୟାଣୀ ବାରିକ,ଉଦବୋଧନ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ର ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ, ଉପସ୍ଥିତ ପଞ୍ଚାୟତ ବାସୀଙ୍କୁ ଅଭିଭାଷଣ ମାଧ୍ୟମରେ ସଚେତନ କରାଇଥିଲେ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ କମିଶନର

ଭୁବନେଶ୍ୱର, ୧୬/୨ (ନି.ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ଓଡ଼ିଶା ଗସ୍ତର ପ୍ରଥମ ଦିନରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ କରାଇଥିଲେ । ପ୍ରାରମ୍ଭରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ସଂପର୍କରେ ଆୟୋଗଙ୍କୁ ଅବଗତ କରାଇଥିଲେ । ପରେ ପରେ ମୁଖ୍ୟ ନିର୍ବାଚନ କମିଶନର ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ଜିଲ୍ଲାୱାରୀ ସମୀକ୍ଷା କରିଥିଲେ । ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ମୁଖ୍ୟ ନିର୍ବାଚନ କମିଶନର ସଂପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ କୁମାର ସ୍ୱୀକୃତିପ୍ରାପ୍ତ ଜାତୀୟ, ରାଜ୍ୟ ଓ ଆଂଚଳିକ ରାଜନୈତିକ ଦଳର କର୍ମକର୍ତାଙ୍କ ସହ ଆଲୋଚନା କରି ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ଯେପରି ଅବାଧ, ମୁକ୍ତ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରାଯାଇପାରିବ, ସେଥି ନିମନ୍ତେ ସମସ୍ତ ରାଜନୈତିକ ଦଳମାନଙ୍କର ସହଯୋଗ ଏକାନ୍ତ କାମ୍ୟ ବୋଲି ମୁଖ୍ୟ ନିର୍ବାଚନ କମିଶନର ବୈଠକରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଭାରତର ନିର୍ବାଚନ ଆୟୁକ୍ତ ଅରୁଣ ଗୋଏଲ, ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତ ଧର୍ମେନ୍ଦ୍ର ଶର୍ମା ଓ ନିତେଶ ବ୍ୟାସ, ଉପ ନିର୍ବାଚନ ଆୟୁକ୍ତ ମନୋଜ କୁମାର ସାହୁ, ଭାରତର ନିର୍ବାଚନ ଆୟୋଗଙ୍କ ଗଣମାଧ୍ୟମ ମହାନିର୍ଦ୍ଦେଶକ ବି. ନାରାୟଣନ ଏବଂ ଆୟୋଗର ଅର୍ଥନୈତିକ ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ଉପସ୍ଥିତ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡା. ଏନ. ତିରୁମାଲା ନାୟକଙ୍କ ସମେତ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ, ରାଜସ୍ୱ ଆୟୁକ୍ତ, ଆରକ୍ଷୀ ମହାନିରୀକ୍ଷକ, ପୋଲିସ କମିଶନର ମାନନୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

## ସଂଯୁକ୍ତ କିଷାନ ମୋର୍ଚ୍ଚା ନୀଳଗିରି ତରଫରୁ ବନ୍ଦ ଡାକରା ସଫଳ



ନୀଳଗିରି, ୧୬/୨ (ନି.ପ୍ର): ସଂଯୁକ୍ତ କୀଷାନ ମୋର୍ଚ୍ଚା, ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ୨୧ ଦଫା ଦାବିରେ ସାଧାରଣ ଧର୍ମଘଟ ଡାକରା ଦିଆଯାଇଥିଲା । ଏହି ଡାକରାକୁ ସମର୍ଥନ କରି ନୀଳଗିରି ବାଇପାସ ଛକଠାରେ ସକାଳ ୬ ଘଟିକା ଠାରୁ ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ମିଳିତ ଉଦ୍ୟମରେ ରାସ୍ତା ରୋକ କରିବା ସହ ନୀଳଗିରିରେ ସମସ୍ତ ଅଫିସ୍, ବ୍ୟାଙ୍କ ଗୁଡିକ ବନ୍ଦ କରିଥିଲେ । ଆଜିର ଗ୍ରାମୀଣ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଏହି ବନ୍ଦ ଡାକରା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ଜୋନ ସମ୍ପାଦକ ବିଜୟ ସ, ନିହାର ଜେନା, ହରେକୃଷ୍ଣ ପଣ୍ଡିତ, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ହରେକୃଷ୍ଣ ରାଉତ କଂଗ୍ରେସ ତରଫରୁ ବିଧାୟକ ପ୍ରାର୍ଥୀ ରାଣୀ ମନୋଜକ୍ଷ ମଞ୍ଜରୀ ଦେବୀ, କିଷାନ କଂଗ୍ରେସର ଯଶୋଦା ନନ୍ଦନ ସିଂହ, ମାର୍କ୍ସ ବାଦୀ କମ୍ୟୁନିଷ୍ଟ ପାର୍ଟି ତରଫରୁ ବିଧାୟକ ପାର୍ଥି ଯୋଗାନନ୍ଦ ଦାସ, ଜୋନ ସମ୍ପାଦକ ବିଜୟ ପାତ୍ର, ଜ୍ୟୋତିର୍ମୟ ରାଉତ, ସୋମନାଥ ସିଂ, ଲକ୍ଷ୍ମୀଧର ସାହୁ ସମେତ ବହୁ ନେତୃମଣ୍ଡଳୀଙ୍କ ସହିତ ଉଭୟ ଦଳ ଗୁଡିକରୁ ଶତାଧିକ କର୍ମୀ ସାମିଲ ଥିଲେ ।

## ଚଳିତ ବର୍ଷ ବେତନଟୀ ବ୍ଲକରେ ୨୨୩୬ ଜଣ ପିଲା ମାଟ୍ରିକ୍ ପରୀକ୍ଷା ଦେବେ

ବେତନଟୀ ୧୬/୨: ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ ବା ମାଟ୍ରିକ ପରୀକ୍ଷା ଆସନ୍ତା ୨୦ ତାରିଖ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ବେତନଟୀ ବ୍ଲକ ରେ ମୋଟ ୧୧ ଗୋଟି ପରୀକ୍ଷା କେନ୍ଦ୍ର ରେ ୨୨୩୬ ଜଣ ଛାତ୍ର, ଛାତ୍ରୀ ଏହି ପରୀକ୍ଷା ଦେବେ ବୋଲି ଜଣାପଡିଛି । ସେଥି ମଧ୍ୟରୁ ଅଁଳା ସରକାରୀ ହାଇସ୍କୁଲ ରୁ ୧୫୦ ଜଣ, ମୁନିଲାଲ ସରକାରୀ ହାଇସ୍କୁଲ ରୁ ୨୪୭ ଜଣ, ଏମପିସି ହାଇସ୍କୁଲ ରୁ ୨୫୦ ଜଣ, ପାଟଳିପୁରା ହାଇସ୍କୁଲ ରୁ ୧୮୮ ଜଣ, ସନ୍ତରା ହାଇସ୍କୁଲ ରୁ ୨୩୮ ଜଣ, ସରକାରୀ ବାଳିକା ହାଇସ୍କୁଲ ଶାଳବଣୀ ରୁ ୧୯୬ ଜଣ, ସରକାରୀ ବାଳିକା ହାଇସ୍କୁଲ ବେତନଟୀ ରୁ ୧୮୨ ଜଣ, ସତ୍ୟସାଇ ହାଇସ୍କୁଲ ଖୁଣ୍ଟାପୁର ରୁ ୨୦୧ ଜଣ, ଛଟିନାପଦା ହାଇସ୍କୁଲ ରୁ ୧୭୭ ଜଣ, ଗଡଦେଉଳିଆ ହାଇସ୍କୁଲ ରୁ ୧୭୬ ଜଣ ସେହିପରି ବ୍ରହ୍ମପୁର ହାଇସ୍କୁଲ ରୁ ସାଧାରଣ ରେ ୧୦୪ ଜଣ ଓ ସଂସ୍କୃତ ଟୁଲ ର ୧୨୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି । ଚଳିତ ବର୍ଷ ସକାଳ ୯ ଟା ରୁ ୧୧ଟା୩୦ ପର୍ଯ୍ୟନ୍ତ ପରୀକ୍ଷା ହେବାକୁ ଥିବା ବେଳେ ଗଣିତରେ ୧୧ଟା୪୫ ପର୍ଯ୍ୟନ୍ତ ପରୀକ୍ଷା ହେବ କିନ୍ତୁ ପରୀକ୍ଷାର୍ଥୀ ମାନେ ସକାଳ ୭ଟା୩୦ ରେ ପରୀକ୍ଷା କେନ୍ଦ୍ର କୁ ପରୀକ୍ଷାର୍ଥୀ ପ୍ରବେଶ କରିବେ । ୮ ଟା ୧୫ ପରେ ପରୀକ୍ଷାର୍ଥୀ ଙ୍କୁ ପରୀକ୍ଷା କେନ୍ଦ୍ର କୁ ପ୍ରବେଶ କରିବା ର ଅନୁମତି ମିଳିବ ନାହିଁ ବୋଲି ଜଣାପଡିଛି । ପରୀକ୍ଷା କେନ୍ଦ୍ର ମଧ୍ୟକୁ ସୁପରିଣ୍ଟେଣ୍ଡେଣ୍ଟ ଙ୍କ ବ୍ୟତୀତ ଅନ୍ୟ କେହି ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ ବୋଲି ବୋଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବେତନଟୀ ବ୍ଲକ୍ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ସମସ୍ତ ପରୀକ୍ଷାର୍ଥୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।

## ଦାଦନ ପରିବାରର ଦୁଃଖ: ବନ୍ଦ ହେଲା ଚାଉଳ, ପିଲାଏ ପଢ଼ାରେ ବାନ୍ଧିଲେ ଡ଼ୋରି

ଉଦଳା , ୧୬/୨ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ର ପୁର ପଂଚାୟତ ଅନ୍ତର୍ଗତ ଆଠପଡ଼ା ଗ୍ରାମର ସାନ୍ତାଳସାହିର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସିରୁ ହାଁସଦା ଓ ତାଙ୍କର ସହଧର୍ମିଣୀ ଜସମି ହାଁସଦା ଦିନ ମଜୁରିଆ ଭାବରେ କାମ କରି ନିଜ ପରିବାରର ଗୁଜୁରାଣ ମେଂଟାଉଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହି ପରିବାରକୁ କାମ ନମିଳିଲେ ଦାଦନ ଖଟିବା ପାଇଁ ଅନେକ ସମୟରେ ବାହାରକୁ ଯିବାକୁ ବାଧ ହେଉଛନ୍ତି । ଏହିଭଳି ଏକ ପରିବାରକୁ କୌଣସି କାରଣ ନଥାଇ ସରକାରୀ ବାବୁ ମାନେ ଦିର୍ଘ ୩ ବର୍ଷରୁ ଅଧିକ ହେବ ରାସନ କାର୍ଡ଼ରେ ଚାଉଳ ବନ୍ଦ କରିଦେଇଛନ୍ତି । ଆର୍ଥିକ ଅବସ୍ଥା ସ୍ୱଛଳ ନଥିବାରୁ ତାଙ୍କର ଦୁଇ ଜଣ କନ୍ୟା ସାଲଗେ ଓ ଖୁରି ଆଜକୁ ଦୁଇ ବର୍ଷ ହେବ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛନ୍ତି । ଉକ୍ତ ଦୁଇ ଭଉଣି ନିକଟରେ ଥିବା ବୃନ୍ଦାଗଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ିଛନ୍ତି । ସାଲଗେକୁ ବର୍ତମାନ ବୟସ ୧୩ ବର୍ଷ ଛୁଇଁଥିବା ବେଳେ ଖୁରିକୁ ବୟସ ୧୨ ବର୍ଷ ଛୁଇଁଲା । ସେହିପରି ଆବାସ ଯୋଜନାରେ ଏହି ପରିବାରକୁ ଏ ପର୍ଯ୍ୟନ୍ତ ଘର ମଧ୍ୟ ମିଳି ନାହିଁ । କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



## ବିଶ୍ୱପ୍ରସିଦ୍ଧ ଟୀକାକାର ଜଗତଗୁରୁ ପଣ୍ଡିତ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ତରଫରୁ ଜୟନ୍ତୀ ସମାରୋହ

ବାଲେଶ୍ୱର, ୧୬/୨ (ନି.ପ୍ର): ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ବାଲେଶ୍ୱର ପକ୍ଷରୁ ଜନ୍ମବାର୍ଷିକ ସମାରୋହ ସଭାପତି ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ନୃତ୍ୟ ସଂଗୀତ କଳା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଦେଷ୍ଟା ଡ. ପ୍ରହ୍ଲାଦ ଚରଣ ମହାନ୍ତି ମୁଖ୍ୟଅତିଥି, ଡ. ଶିରିଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା, ଡ. ଭାଗବତ ପ୍ରସାଦ ଦାସ, ସଭାପତି ଶ୍ରୀଧର ସ୍ୱାମୀ ସ୍ମୃତିପରିଷଦ, ରେମୁଣା, ସମ୍ମାନୀୟ ଅତିଥି ଓ ଡ. ହରିଶ୍ଚନ୍ଦ୍ର ବେହେରା ସମ୍ମାନୀୟ ବକ୍ତାଭାବେ ମଞ୍ଚାସୀନ ହୋଇଥିଲେ । ପ୍ରାରମ୍ଭରେ ମଞ୍ଚାସୀନ ଅତିଥିବୃନ୍ଦ ଓ ଉପସ୍ଥିତମାନେ ଶ୍ରୀଶ୍ରୀ ଜଗନ୍ନାଥ ଓ ପଣ୍ଡିତ ଶ୍ରୀଧରସ୍ୱାମୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ । ମଞ୍ଚାସୀନ ବକ୍ତା ଓ ଅତିଥିମାନେ ତାଙ୍କ ବକ୍ତବ୍ୟରେ ଶ୍ରୀଧର ସ୍ୱାମୀ ଚତୁର୍ଦ୍ଦଶ ଶତାବ୍ଦୀରେ ଜନ୍ମ ହୋଇ ଜଗତ୍‌ଗୁରୁ ଭାବରେ ସମଗ୍ର ଭାରତରେ ବିଦ୍ୱାନ ମଣ୍ଡଳୀ ଦ୍ୱାରା ସ୍ୱୀକୃତି ଲାଭ କରିଥିଲେ ଓ ଶ୍ରୀମଦ୍ ଭାଗବତ, ଶ୍ରୀମଦ୍ ଗୀତା ଓ ଅନ୍ୟାନ୍ୟ ଶାସ୍ତ୍ରର ଭାଷ୍ୟକାର ଭାବରେ ପ୍ରଚଣ୍ଡ ଜ୍ଞାନର ଅଧିକାରୀ ହୋଇ ତାହାର ମହତ୍ତ୍ୱ ଓ ମାନବଜୀବନର ସର୍ବଶ୍ରେଷ୍ଠ ଆବଶ୍ୟକତା ପ୍ରତିପାଦନ କରିଛନ୍ତି । ଭାଗବତରେ ଯେତେ ଆଧୁନିକ ପ୍ରବକ୍ତା ଅଛନ୍ତି, ସମସ୍ତେ ଶ୍ରୀଧରସ୍ୱାମୀଙ୍କ ଟୀକାକୁ ପ୍ରାମାଣିକ ବୋଲି ଗ୍ରହଣ କରନ୍ତି । ବିଭିନ୍ନ ଭାଷାରେ ଏହି ଟୀକା ଉପଲବ୍ଧ । ଅଧ୍ୟାପକ ପ୍ରହ୍ଲାଦ ଚରଣ ମହାନ୍ତି ୨୦୨୧ରୁ ବାଲେଶ୍ୱରରେ ଗଢ଼ିଉଠିଥିବା ସ୍ମୃତି ପରିଷଦର ଉଦ୍ୟୋକ୍ତାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ଉପସ୍ଥିତ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଶତପଥୀ ଓ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ବାଲେଶ୍ୱରରେ ଏକ ସେମିନାର କରାଯାଇ ତାଙ୍କର ଟୀକା ଓ ରଚନା ସଂଗ୍ରହ କରି ଓ ତାହାକୁ ଏକତ୍ର କରି ଏକ ଗ୍ରନ୍ଥାବଳୀ ଭାବେ ପ୍ରକାଶ ପାଇଲେ ଶ୍ରୀଧରସ୍ୱାମୀଙ୍କ ଭକ୍ତିମତ୍ତା, ତାଙ୍କର ଦର୍ଶନ, ମାନବୀୟ ମୂଲ୍ୟବୋଧ ଓ ଆଦର୍ଶ ଲୋକଲୋଚନକୁ ଓ ଛାତ୍ରଛାତ୍ରୀଙ୍କ ତଥା ଭବିଷ୍ୟତ ପିଢ଼ିଙ୍କ ଅବଗତି ନିମନ୍ତେ ଓ ନୈତିକ ଅଭ୍ୟୁଦୟ ପାଇଁ ପାଠ୍ୟ ଖସଡ଼ାରେ ଶ୍ରୀଧର ସ୍ୱାମୀଙ୍କ ସମ୍ବନ୍ଧରେ ଅନ୍ତର୍ଭୁକ୍ତ କରିବା ପାଇଁ, ତାଙ୍କ ନାମରେ ଦିଲ୍ଲୀଗାମୀ ଏକ ରେଳଗାଡ଼ି ନାମିତ କରି ଚଳାଇବା ଓ ବାଲେଶ୍ୱର ଷ୍ଟେସନ୍‌ର ପଶ୍ଚିମ ପାର୍ଶ୍ୱରେ ତାଙ୍କର ଏକ ଷ୍ଟେଚ୍ୟୁ ନିର୍ମାଣ କରିବା ପାଇଁ ସ୍ମୃତିକମିଟି ଚେଷ୍ଟା କରିବା ଉଚିତ ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ ମତ ରଖିଥିଲେ । ସର୍ବସମ୍ମତିକ୍ରମେ ଏହା ସଭାରେ ଗୃହୀତ ହୋଇଥିଲା ।

## ଜିଲ୍ଲାର ୩୫ଟି କେନ୍ଦ୍ରରେ ଚାଲିଛି +୨ ପରୀକ୍ଷା

ଭଦ୍ରକ , ୧୬/୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଫେବୃୟାରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା +୨ ପରୀକ୍ଷା ପାଇଁ ଭଦ୍ରକ ଜିଲ୍ଲାରେ ୩୫ଟି କେନ୍ଦ୍ରରେ ପରୀକ୍ଷା ଚାଲିଛି । ଏଥିପାଇଁ ୫ଟି ପ୍ରଶ୍ନପତ୍ର କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବି.ଏନ୍.ଏମ୍. କଲେଜ, ପାଳିଆ, ଧାମନଗର କଲେଜ, ଅଟଳ ବିହାରୀ କଲେଜ, ବାସୁଦେବପୁର ଏବଂ ଆଗରପଡ଼ା କଲେଜ ଏହି ୫ଟି କଲେଜରେ ପ୍ରଶ୍ନପତ୍ର ହବ୍ କରାଯାଇଛି । ଏହି ୫ଟି କେନ୍ଦ୍ର ପାଇଁ ବି.ଡ଼ି.ଓ. ମାନଙ୍କୁ ସ୍ୱତନ୍ତ୍ର ଅଫିସର ଭାବେ ନିୟୋଜିତ କରାଯାଇଛି । ୩୫ଟି ପରୀକ୍ଷା କେନ୍ଦ୍ର ପାଇଁ ୩୫ ଜଣ ରାଜସ୍ୱ ନିରୀକ୍ଷକଙ୍କୁ ପରୀକ୍ଷା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସୂଚନା ଯୋଗ୍ୟ କି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମହାବିଦ୍ୟାଳୟର ପିଲାଙ୍କ ସହ ଅବନ୍ତିକା କଲେଜ ବ୍ୟତୀତ ଅନ୍ୟ ଘରୋଇ କଲେଜର ପିଲା ମିଶି ସମୁଦାୟ ୯୮୭ ଜଣ ପିଲା ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରକାଶ ଥାଉକି ଭଦ୍ରକ ଜିଲ୍ଲାରେ +୨ କଳାରେ ୮୦୬୨, ବିଜ୍ଞାନରେ ୨୮୭୯, ବାଣିଜ୍ୟରେ ୧୨୭୯ ସମୁଦାୟ ୧୨,୨୨୦ ଜଣ ପିଲା ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି ।

## ରାଇବଣିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ବାର୍ଷିକ ଉତ୍ସବ




ଜଳେଶ୍ୱର , ୧୬/୨ (ନି.ପ୍ର): ଆଜି ରାଇବଣିଆ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସଂପାଦକ ଦେବବ୍ରତ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସରପଂଚ ସନ୍ଦିପ ନାରାୟଣ ଘୋଷ, ମୁଖ୍ୟବକ୍ତା ଭାବେ ସମାଜସେବୀ ସଂଜୀବ କୁମାର ଘୋଷ ଯୋଗ ଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ଜନ୍ମ ଦିନପରି ଅନୁଷ୍ଠିତ ହୋଇଥାଏ । ମାଟି ପିଣ୍ଡୁଳାକୁ ଜୀବନ୍ୟାସ ଦେବାଭଳି ଗୁରୁଜୀ ଗୁରୁମା ଶିଶୁ ମାନଙ୍କୁ ଶିକ୍ଷାଦାନ କରିଥାନ୍ତି । ଜଣେ ଭଲ ମଣିଷଭାବେ ଗଢିବାରେ ଗୁରୁଜୀ ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ରମାକାନ୍ତ ସି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଅଂଚଳରେ ଗୁଣାତ୍ମକ ଶିକ୍ଷାଦାନ କରିବାରେ ଏହି ବିଦ୍ୟାଳୟ ପ୍ରମୁଖ ଭୂମିକା ଲିଭାଇଛି ବୋଲି କହିଥିଲେ । ଗୁରୁମା ସ୍ମରଣୀକା ଗୋସ୍ୱାମୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅକ୍ଷୟ କୁମାର ପରିଡା, କମଳାକାନ୍ତ ଗାନ୍ଧୀ, ପରିମଳ ପରିଡା, ଆଲୋକ ଘଡେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଅଂଜୁବାଳା ଗିରି ମଂଚ ଆହ୍ୱାନ କରିଥିବା ବେଳେ ଅର୍ଚ୍ଚନା ଆଚାର୍ଯ୍ୟ, ଦେବୀ ମହାପାତ୍ର, ସଂଗିତା ଦାସ, ରଶ୍ମିତା ଗାନ୍ଧୀ ପରିଚାଳନା କରିଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବାଲେଶ୍ୱରରୁ ସହସ୍ରାଧିକ ରାମ ଭକ୍ତଙ୍କୁ ନେଇ ଅଯୋଧ୍ୟା ବାହାରିଲା ସ୍ୱତନ୍ତ୍ର ଆସ୍ଥା ଏକ୍ସପ୍ରେସ



ବାଲେଶ୍ୱର, ୧୬/୨ (ନି.ପ୍ର): ଦୀର୍ଘ ବର୍ଷ ଅପେକ୍ଷା ପରେ ଜାନୁଆରୀ ୨୨ତାରିଖ ରେ ଅଯୋଧ୍ୟା ରେ ସନାତନୀଙ୍କ ପ୍ରାଣର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କରାଯାଇଥିଲା, ବାଲେଶ୍ୱର ର ଅନେକ ଶ୍ରୀରାମ ଭକ୍ତ ମଧ୍ୟ ଚାହିଁ ରହିଥିଲେ ଅଯୋଧ୍ୟା ଶ୍ରୀରାଘବ ରୁପି ଶ୍ରୀରାମ ଙ୍କୁ ଦର୍ଶନ କରିବାକୁ, ତେବେ ଆଜି କିଛି ରାମ ଭକ୍ତଙ୍କ ଆଶା ପୂରଣ ହୋଇ ପାରିଛି, ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ରେଳ (ଆସ୍ଥା ଏକ୍ସପ୍ରେସ )ଆଜି ଦିବା ୧୦.୩୦ରେ ବାଲେଶ୍ୱର ରେଳ ଷ୍ଟେସନ ରୁ ଅଯୋଧ୍ୟା ମୁଖେ ବାହାରିଛି, ଏହି ଟ୍ରେନ ଛାଡ଼ିବା ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସମେତ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ଜିଲ୍ଲା ବିଜେପି ଉପ ସଭାପତି ମମତା ମହାପାତ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ରାଜ୍ୟ ମହିଳା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଉପ ସଭାପତି ନାରାୟଣ ମୋହନ୍ତ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଅନିଲ ମହାନ୍ତି, ପରମାନନ୍ଦ ମହାପାତ୍ର, କ୍ରିଷ୍ଣା ସାହା ପ୍ରମୁଖ ଉପସ୍ଥିତ ରହି ସମସ୍ତ ରାମ ଭକ୍ତ ଙ୍କୁ ସଫଳ ଯାତ୍ରାପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ, ବାଲେଶ୍ୱର ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନଙ୍କ ନେତୃତ୍ୱରେ ବାଲେଶ୍ୱର ଲୋକସଭା ସମେତ ମୟୁରଭଞ୍ଜ ଲୋକସଭା କ୍ଷେତ୍ରର ୧୫୪୦ଜଣ ରାମ ଭକ୍ତ ଙ୍କୁ ନେଇ ଏହି ଟ୍ରେନ ଆସନ୍ତା କାଲି ଭୋର ୩.୨୦ ସମୟରେ ଅଯୋଧ୍ୟାର ଦର୍ଶନନଗର ଷ୍ଟେସନ ରେ ପହଂଚି ପୁଣି ୧୮ ତାରିଖ ସକାଳ ୮ ଘଟିକା ରୁ ଉକ୍ତ ଷ୍ଟେସନରୁ ବାହାରି ୧୯ତାରିଖ ରାତ୍ରୀ ୧.୦୫ ରେ ପହଂଚିବ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପଞ୍ଚଦଶ ବାର୍ଷିକ ଉତ୍ସବ



ବଡ଼ସାହି , ୧୬/୨ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ବାଣୀପୀଠ ଦ୍ୱାରା ପରିଚାଳିତ ସାନବେଲାକୁଟି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପଞ୍ଚଦଶ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବାଣୀପୀଠର ଅଧକ୍ଷ ଡକ୍ଟର କୁମାର ବାବୁଲି ସଭାପତିତ୍ୱ କରିବାବେଳେ ପୁରୁଣାବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅନନ୍ତ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିଶୁ ମାନେ ହେଉଛନ୍ତି ମାଟି ପିଣ୍ଡୁଳା ଆମେ ତାଙ୍କୁ ଯେପରି ଗଢିବା ସେମାନେ ସେହିପରି ବନିଯିବେ, ତାଙ୍କୁ ଗଢୁଥିବା କୁମ୍ଭକାର ସେମିତି ପ୍ରଶିକ୍ଷିତ ଓ ଦେଶଭକ୍ତ ହେବା ଆବଶ୍ୟକ ତେବେ ଯାଇ ସଚ୍ଚାଦେଶଭକ୍ତ ଗଢାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଗୋପବନ୍ଧୁନଗର ବ୍ଲକ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଓ ସମ୍ମାନିତ ଅତିଥି ଭାବେ ଚ଼ତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା, ବିଶିଷ୍ଟ କବି ଓ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ପଶୁଦା ସିଆରସିସି କୃଷ୍ଣଚନ୍ଦ୍ର ଦଳେଇ, ପଲ୍ଲୀପ୍ରଭାର ସଂପାଦିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଓ ଖବରଦାତା ଶାନ୍ତନୁ ମଢୁଆଳ ଯୋଗଦାନ କରି ପିଲାଙ୍କୁ ମଣିଷ ପଣିଆର ସହିତ ଗଢିବାକୁ ହେଲେ ପ୍ରଥମେ ଆମକୁ ମାର୍ଜିତ ହେବା ସହିତ ଶିଶୁ ସୁଲ୍ଲଭ ମଣିଷ ପଣିଆ ଶିଖିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁଜୀ ଦୀପକ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ଜ୍ୟୋସ୍ନା ଗୁରୁମା, ସୀମା ଗୁରୁମା, ପ୍ରଣତୀ ଗୁରୁମା, ଭବେନ୍ଦ୍ର ଗୁରୁଜୀ, ସୁଜାତା ଗୁରୁମା ଓ କୌଶଲ୍ୟା ଗୁରୁମାଙ୍କ ତତ୍ତ୍ୱାବଧାନରେ ସ୍ୱାମୀ ବିବେକାନନ୍ଦ ଓ ଭାରତମାତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଚଳିତ ବର୍ଷର ସୁନ୍ଦର ହସ୍ତାକ୍ଷରରେ ତପସ୍ୟା ପୃଷ୍ଟି, ଉତ୍ତମ ବ୍ୟବହାରରେ ଗାୟତ୍ରୀ ଖୁଲାର, ପରିଷ୍କାର ପରିଚ୍ଛନ୍ନତାରେ ନମ୍ରତା ରାଜ ଓ ଶିକ୍ଷାକେନ୍ଦ୍ରରେ ନିୟମିତତା ପାଇଁ ମହାବୀର ନାଏକ ଶ୍ରେଷ୍ଠ ଭାବେ ପୁରସ୍କୃତ ହୋଇଥିଲେ । ସର୍ବଶେଷରେ କାର୍ତ୍ତିକ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ଉଦ୍‌ଘାଟିତ

ଭୁବନେଶ୍ୱରଭୁବନେଶ୍ୱର, ୧୬/୨ (ନି.ପ୍ର): ରାଜ୍ୟସ୍ତରରେ ଆୟୋଜିତ ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ ଶୁକ୍ରବାର ଅପରାହ୍ନରେ ଜନତା ମଇଦାନରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଏକ ଭିଡ଼ିଓ ବାର୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାରେ ପ୍ରଥମ ଥର ଏହି ସମାବେଶ ଆୟୋଜନ କରିଥିବାରୁ ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଭ୍ୟାନ୍ ରାଜ୍ୟରେ ସେବା ଯୋଗାଇଦେବ ।

## ପଞ୍ଚଲିଙ୍ଗେଶ୍ୱରରେ ମାଘ ସପ୍ତମୀ ମେଳା ଉଦ୍‌ଘାଟିତ

ନୀଳଗିରି , ୧୬/୨ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଘ ସପ୍ତମୀ ମେଳା ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳି ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଉଦଘାଟନ ହୋଇଯାଇଛି । ଏହି ମାଘ ସପ୍ତମୀ ମେଳା ଦୀର୍ଘ ୯ ଦିନ ଧରି ଚାଲିବା ସହିତ ପ୍ରତ୍ୟେକ ଦିନ ନାମ ଯଜ୍ଞ ସହିତ ବିଭିନ୍ନ ସାଧୁ ସନ୍ୟାସୀ ଙ୍କ ଆଗମନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ହେବା ପାଇଁ ଟ୍ରଷ୍ଟ ବୋର୍ଡ ତରଫରୁ ନିଷ୍ପତ୍ତି ହୋଇଛି । ଶୁକ୍ରବାର ଭୋର ସମୟରୁ ବାବାଙ୍କର ବିଭିନ୍ନ ନିତିକାନ୍ତି ସମ୍ପନ୍ନ ହୋଇ ସକାଳ ୧୦ଘଟିକା ସମୟ ରେ ନିଳଗିରି ଉପଜିଲ୍ଲାପାଳଙ୍କ ଉପସ୍ଥିତି ରେ ଟ୍ରଷ୍ଟ ବୋର୍ଡ ସଭ୍ୟ ତଥା ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ, ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକ, କୈଳାଶ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସ୍ଥାନୀୟ ଯୁବ ସମାଜସେବୀ ମନୋରଞ୍ଜନ ଦାସଙ୍କ ସହିତ ପୀଠର ପୂଜକ ବିଜୟ କୁମାର କର , ପ୍ରତାପ ଚନ୍ଦ୍ର କର, ଜୟନ୍ତ କୁମାର କର, ସୁମନ୍ତ କୁମାର କର ସହିତ ପୀଠ ର ମ୍ୟାନେଜର ଶିଶିର କୁମାର ମିଶ୍ର ଓ ବହୁ ସାଧୁ ସନ୍ଥ ମାନେ ରାମ ମନ୍ଦିର ନିକଟସ୍ଥ ପାଖ ଝରଣା ରୁ ଘଟ ବୁଡାଇ ଏହାକୁ ଏକ ବିରାଟ ପାଟୁଆର ସହିତ ସ୍ଥାନୀୟ ଆଦିବାସୀ ଭଜନ ମଣ୍ଡଳୀ ମାନଙ୍କର ଲୋକକଳା ନୃତ୍ୟ ପ୍ରଦର୍ଶନ କରି ବାବାଙ୍କ ପୀଠ କୁ ଘଟ ଅଣାଯାଇଥିଲା । ସେଠାରେ ଥିବା ଯଜ୍ଞ ମଣ୍ଡପ ଠାରେ ଘଟ କୁ ସ୍ଥାପନ କରି ବିଧି ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି । ଏହା ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ୨୪ ତାରିଖ ଦିନ ଯଜ୍ଞ ର ପୂର୍ଣ୍ଣାହୁତି ହୋଇ ସାରାଦିନ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି । ଏଥିରେ ସ୍ଥାନୀୟ ଲୋକ ଓ ଦୋକାନୀ ମାନେ ମଧ୍ୟ ସହଯୋଗର ହାତ ବଢ଼ାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo